# ଜୁଆଙ୍ଗ ଭାଷା ଶିକ୍ଷଣ ପୁସ୍ତିକା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଜୁଆଙ୍ଗ ଭାଷା ଶିକ୍ଷଣ ପୁସ୍ତିକା

*ସଂକଳନ :*

ଶ୍ରୀ ଚନ୍ଦନ କୁମାର ସାହୁ

*ନିର୍ଦ୍ଦେଶକ :*

ଡ଼ଃ ଅନନ୍ତ ଚରଣ ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

ଜୁଆଙ୍ଗ ଭାଷା ଶିକ୍ଷଣ ପୁସ୍ତିକା

*ସଂକଳନ* : ଶ୍ରୀ ଚନ୍ଦନ କୁମାର ସାହୁ

*ସମ୍ପାଦନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

©*ପ୍ରକାଶକ* : ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ ୨୦୦୫

ମୁଦ୍ରଣ : ପରଫେକ୍ଟ ପ୍ରିଣ୍ଟରସ୍ ଏଣ୍ଡ ପବ୍ଲିସର୍ସ
ବାପୁଜୀ ନଗର, ଭୁବନେଶ୍ୱର - ୭୫୧ ୦୦୯
ଦୂରଭାଷ : (୦୬୭୪) ୨୫୩୧୦୩୫, ମୋବାଇଲ : ୯୪୩୭୧ ୭୬୭୧୦

ମୂଲ୍ୟ : ୩୦.୦୦ ଟଙ୍କା ମାତ୍ର

ISBN :

**JUANG BHASHA SIKSHYANA PUSTIKA**

**Compilation : Sri Chandan Kumar Sahoo**

©***Publisher :*** Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009
First Edition :

**Printed at :** Perfect Printers & Publishers
Bapuji Nagar, Bhubaneswar - 751 009
☎ : (0674) 2531035, Cell : 94371 76710

Price : Rs. 30.00 Only

# ମୁଖବନ୍ଧ

ଆଦିବାସୀ ବହୁଳ ରାଜ୍ୟଭାବରେ ଓଡ଼ିଶା ଭାରତରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବସବାସ କରି ଆସୁଛନ୍ତି ଯାହା ସାମଗ୍ରୀକ ଜନସଂଖ୍ୟାର ୨୨.୨୧ ଭାଗ । ୧୯୯୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୭୦,୩୨,୨୧୪ । ଓଡ଼ିଶାର ଆଦିବାସୀମାନେ ତିନିଭାଷା ପରିବାରର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ଭାଷା ନିମ୍ନମତେ ବର୍ଗୀକୃତ ।

୧. ଗୋଷ୍ଠୀ ପରିଚୟ ଥାଇ ସ୍ୱବର୍ଗୀୟ ଭାଷା, ୨. ଗୋଷ୍ଠୀ ପରିଚୟ ଥାଇ ପରବର୍ଗୀୟ ଭାଷା , ୩. ଗୋଷ୍ଠୀ ପରିଚୟ ନଥାଇ ମୌଳିକ ଭାଷା ବା ସଂଯୋଜକଭାଷା ।

ପ୍ରଥମ ଗୋଷ୍ଠୀ ଅଧୀନରେ ସାନ୍ତାଳ, ମୁଣ୍ଡା, ଜୁଆଙ୍ଗ, ବଣ୍ଡା, କୁଇ, କୁଭି ଓ ଓରାମ ପ୍ରମୁଖ ବର୍ଗ ଅନ୍ତର୍ଭୁକ୍ତ ହେଉଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ ଅଧୀନରେ ବାଥୁଡ଼ି, ଭୂୟାଁ, ଭତ୍ରା, ହଲବା, ବିଂଝିଆ, ଭୂମିଆ, ଓ ପରଜା ପ୍ରମୁଖ ଅନ୍ତର୍ଭୁକ୍ତ । ଅତୀତରେ ଏମାନଙ୍କର ନିଜସ୍ୱ ମୌଳିକ ଭାଷା ବିଦ୍ୟମାନ ଥିଲା, ମାତ୍ର ସମୟକ୍ରମେ ସେମାନେ ନିଜସ୍ୱ ଭାଷାକୁ ଭୂଲି ପରବର୍ଗୀୟ ଭାଷା-ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ତୃତୀୟ ଗୋଷ୍ଠୀରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ସମ୍ପୃକ୍ତ ନଥିଲେ ସୁଦ୍ଧା ସେମାନେ ଅର୍ନ୍ତଗୋଷ୍ଠୀୟ ସ୍ତରରେ, ଦୁଇ ଭିନ୍ନ ଭାଷାଭାଷୀ ଗୋଷ୍ଠୀର ଜନସମୁଦାୟ, ଏକ ତୃତୀୟ ଭାଷାକୁ ଯୋଗାଯୋଗ ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି । ଏହି ଭାଷା ହେଉଛି ସଂଯୋଜକ ଭାଷା ବା Lingua Franca । ଏହି Lingua Franca ଅଧୀନରେ ଓଡ଼ିଶାର ଉତ୍ତର-ପଶ୍ଚିମାଞ୍ଚଳରେ କଥିତ ସାଦ୍ରୀଭାଷା ତଥା ଦକ୍ଷିଣାଞ୍ଚଳରେ କଥିତ ଦେଶିଆ ଭାଷା ପ୍ରଧାନ । ଏହି ଭାଷା ଦ୍ୱୟ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା କଥିତ ହେଉନଥିଲେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳର ସମସ୍ତ ଜନଜାତିଙ୍କ ଯୋଗାଯୋଗର ଭାଷା ହିସାବରେ ପ୍ରଚଳିତ । ଏହି ସଂଯୋଜକ ଭାଷା ମାନଙ୍କରେ ମଧ୍ୟ ସମୃଦ୍ଧ ଲୋକ ସାହିତ୍ୟ ଏବଂ ଉନ୍ନତ ବ୍ୟାକରଣ ରହିଛି ।

ଓଡ଼ିଶାର ଆଦିବାସୀ ସମାଜ ତ୍ରିବିଧ ପ୍ରମୁଖ ଜନଜାତି ପରିବାରର ଅନ୍ତର୍ଭୁକ୍ତ । ଯଥା : ଆଷ୍ଟ୍ରିକ (ମୁଣ୍ଡା), ଦ୍ରାବିଡ ଓ ଭାରତୀୟ ଆର୍ଯ୍ୟ । ପ୍ରତ୍ୟେକ ଜନଜାତି ପରିବାରର ଭାଷା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ପରିବାର ଅନ୍ତର୍ଗତ ଗୋଷ୍ଠୀଗୁଡ଼ିକର ଭାଷା ମଧ୍ୟ ଭିନ୍ନ

ଭିନ୍ନ । ବର୍ତ୍ତମାନ ପ୍ରାୟ ୨୨ ରୁ ଅଧିକ ଗୋଷ୍ଠୀ ନିଜର ମାତୃଭାଷା ବ୍ୟବହାର କରୁଥିଲାବେଳେ ଅବଶିଷ୍ଟ ଗୋଷ୍ଠୀ ସ୍ଥାନୀୟ ଓଡ଼ିଆ ଉପ-ଭାଷାଗୁଡ଼ିକୁ ନିଜର ପ୍ରଥମ ଭାଷା ରୂପେ ଗ୍ରହଣ କରି ନେଇଛନ୍ତି । ତେବେ ଓଡ଼ିଶାର ଆଦିବାସୀଙ୍କ ଭିତରେ ନିମ୍ନଲିଖିତ ଭାଷା ଓ ଉପଭାଷା ପ୍ରଚଳିତ ।

**ମୁଣ୍ଡା :** ଭୂମିଜ, ବିରହୋର, ରେମ (ବଣ୍ଡା), ଗତାଃ (ଡ଼ିଡାୟୀ), ଗୁତବ୍ (ଗଦବା), ସୋରା (ସଉରା), ପାରେଙ୍ଗା, ଖରିଆ, ଜୁଆଙ୍ଗ, ସାନ୍ତାଳୀ, ହୋ, ମୁଣ୍ଡାରୀ, ମାହାଲୀ ଇତ୍ୟାଦି ।

**ଦ୍ରାବିଡ଼ :** ଗୋଣ୍ଡୀ, କଣ୍ଡା, କୁଇ, କୁଭି-କନ୍ଧ, କିସାନ, କୋୟା; କୋଲାମା, ନାଇକୀ ଓଲାରୀ, ପାର୍ଜା, ପେଙ୍ଗ, କୁଡୁଖ୍ (ଓରାଓଁ) ଇତ୍ୟାଦି ।

**ଭାରତୀୟ ଆର୍ଯ୍ୟ :** ବାଥୁଡ଼ି, ଭୂୟାଁ, କୁରମାଲୀ, ସାଉଁତି, ସାଦ୍ରୀ, କନ୍ଧାନ୍, ଅଘ୍ରିଆ, ଦେଶିଆ, ଝରିଆ, ହାଲବି, ଭତ୍ରା, ମାଟିଆ, ଭୁଞ୍ଜିଆ ଇତ୍ୟାଦି ।

ଏହିସବୁ ଭାଷା ମଧ୍ୟରୁ କେବଳ ଚାରୋଟି ଭାଷାରେ ଲିପି ବିକଶିତ ହୋଇଛି । ସେ ଚାରୋଟି ଲିପି ହେଉଛି - ସାନ୍ତାଳୀ (ଅଲଚିକି), ସଉରା (ସୋରାଂ ସୋମ୍ପେଙ୍ଗ୍), ହୋ (ୱାରାଂଚିତି), ଏବଂ କୁଇ (କୁଇ ଲିପି) । ଏଥି ମଧ୍ୟରୁ ସାନ୍ତାଳୀ ଓ ସଉରା ଲିପିରେ ବହିପତ୍ର ମୁଦ୍ରଣ ହେଉଛି । ଅନ୍ୟ ଆଦିବାସୀ ଭାଷାରେ ଯାହା ସାହିତ୍ୟ ଲେଖାଯାଉଛି ତାହା ରୋମାନ୍, ଦେବନାଗରୀ, ବଙ୍ଗଳା, ତେଲୁଗୁ ଏବଂ ଓଡ଼ିଆ ଲିପିରେ ହିଁ ପ୍ରକାଶ ପାଉଛି ।

ଓଡ଼ିଶାରେ ସରକାରୀ ବ୍ୟବସ୍ଥାରେ ଓଡ଼ିଆ ଭାଷା ଏକ ମାଧ୍ୟମ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି କର୍ମକ୍ଷେତ୍ର ପର୍ଯ୍ୟନ୍ତ ଏହାର ପ୍ରୟୋଗ ରହିଛି । ଆଦିବାସୀମାନେ ସେମାନଙ୍କ ଭାଷା ବ୍ୟତିରେକ ଓଡ଼ିଆ ଭାଷା ସହିତ ପରିଚିତ ନଥିବାରୁ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ସେମାନଙ୍କ ନିକଟରେ ପହଞ୍ଚାଇବା ସମୟରେ ସରକାରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଫଳତଃ ଉନ୍ନୟନମୂଳକ ଯୋଜନାର ରୂପାୟନ ସମ୍ଭବ ହୋଇପାରେ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଲୋକମାନଙ୍କ ପାଖରେ ଉନ୍ନୟନ ଯୋଜନା ଓ ଶିକ୍ଷା ବ୍ୟବସ୍ଥାକୁ ପହଞ୍ଚାଇବାକୁ ସରକାର ଆଦିବାସୀ ଅଞ୍ଚଳରେ କାମ କରୁଥିବା ବିଭିନ୍ନ ବିଭାଗର କର୍ମଚାରୀ ତଥା ଶିକ୍ଷକମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଆଦିବାସୀଭାଷାରେ ତାଲିମ୍ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଆଦିବାସୀ ଭାଷାରେ ତାଲିମ ପାଇ ଜଣେ

କର୍ମଚାରୀ ଆଦିବାସୀମାନଙ୍କର ନିକଟତର ହୋଇପାରିବ ଏବଂ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ସକ୍ଷମ ହୋଇପାରିବ । ସରକାରଙ୍କର ଏହି ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଉପଯୋଜନା ଅଞ୍ଚଳରେ ବିଭିନ୍ନ ପ୍ରମୁଖ ଆଦିବାସୀ ଭାଷାଗୁଡ଼ିକରେ ଭାଷା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନକରି ସ୍ଥାନୀୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଆସୁଛି । ତାଲିମ୍ ବ୍ୟବସ୍ଥାକୁ ସହଜ ଏବଂ ସଫଳ କରିବା ପାଇଁ ଏକ ସହାୟକ ପୁସ୍ତକ ଏକାଡ଼େମୀ ପ୍ରସ୍ତୁତ କରିଛି । ଏହି ପୁସ୍ତକ ପ୍ରମୁଖ ଆଦିବାସୀ ଭାଷା ମାନଙ୍କରେ ରଚିତ । ବ୍ୟାକରଣ, ରଚନାବଳୀ ଏବଂ ଶବ୍ଦକୋଷ ସମ୍ଭାରରେ ସମୃଦ୍ଧ । ଭାଷା ପ୍ରଶିକ୍ଷଣ ସମୟରେ ଏହି ପୁସ୍ତକକୁ ଆଧାରକରି ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ସୀମିତ ସମୟ ମଧ୍ୟରେ ଭାଷା ଶିକ୍ଷା ସହଜସାଧ୍ୟ ନୁହେଁ । ତେଣୁ ସମୟୋପଯୋଗୀ ଭାଷାର ଦୈନନ୍ଦୀନ ବ୍ୟବହାରକୁ ନେଇ ଉନ୍ନୟନ ପ୍ରାଧିକାରୀ ଏବଂ ଜନଜାତି ଗୋଷ୍ଠୀଙ୍କ ସହ ସମୁଚିତ ଭାବେ ଭାବଗତ ଆଦାନ ପ୍ରଦାନର ମାଧ୍ୟମ ହିସାବରେ ଭାଷା ଶିକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟକରି ଏକ ସରଳ ଭାଷା ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି । ଏଥିରେ ନୀତି ପ୍ରତିଦିନ ପ୍ରଜାତିକ ଗୋଷ୍ଠୀ ସହ ହେଉଥିବା ଆଳାପ ଆଲୋଚନାକୁ କେତୋଟି ସରଳବାକ୍ୟ ଛଳରେ ସିଧାସଳଖ ଉଦାହରଣ ହିସାବରେ ଦର୍ଶାଯାଇଛି । ଫଳତଃ ଉନ୍ନୟନ ବ୍ୟବସ୍ଥା ଏବଂ ପ୍ରଜାତିକ ଜନଗୋଷ୍ଠୀର ମାନସିକତା ସହ ଉଭୟେ ପରିଚିତ ହେବେ, ଆନ୍ତରିକତା ବଢ଼ିବା ସଙ୍ଗେ ସଙ୍ଗେ ପ୍ରତି ପ୍ରତ୍ୟେକଙ୍କ ସହ ବିଶ୍ୱାସ ଭାଜନ ହେବେ । ବିଶ୍ୱାସଟିଏ ପ୍ରତିଷ୍ଠିତ ହୋଇଗଲେ ଯୋଜନା ରୂପାୟନ କରିବା ସହଜ ସାଧ୍ୟ ହୁଏ । ଏହି ବିଶ୍ୱାସକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ପ୍ରସ୍ତୁତ **"କୁଆଙ୍ଗ ଭାଷା ଶିକ୍ଷଣ ପୁସ୍ତିକା"** ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଶ୍ରୀ ଚନ୍ଦନ କୁମାର ସାହୁ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ଅଜିତ୍ ବେହେରା ଶାନ୍ତି
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| II. | ଉପକ୍ରମଣିକା | |
| ୧. | ସର୍ବନାମ ଏବଂ ଏହାର ପ୍ରୟୋଗ | ୧-୭ |
| ୨. | ଶରୀରର ବିଭିନ୍ନ ଅଂଶର ନାମ | ୮-୧୦ |
| ୩. | ପ୍ରାକୃତିକ ନାମ | ୧୧-୧୨ |
| ୪. | ବିଭିନ୍ନ ପ୍ରକାର ଜମିର ନାମ | ୧୨ |
| ୫. | ବିଭିନ୍ନ ପ୍ରକାର ଶସ୍ୟ ଓ ଫୁଲର ନାମ | ୧୩-୧୪ |
| ୬. | ବିଭିନ୍ନ ପ୍ରକାର ଗଛର ନାମ | ୧୫-୧୬ |
| ୭. | ଘରର ବିବରଣୀ | ୧୬ |
| ୮. | କୃଷି ସରଞ୍ଜାମ | ୧୭ |
| ୯. | ବାର, ମାସ ଏବଂ ଋତୁ | ୧୮ |
| ୧୦. | ସାଧାରଣ କ୍ରିୟା | ୧୯-୨୧ |
| ୧୧. | କାଳ : ବର୍ତ୍ତମାନ, ଅତୀତ, ଭବିଷ୍ୟତ | ୨୨-୩୦ |
| ୧୨. | ସାଧାରଣ ବାକ୍ୟାବଳୀ | ୩୧-୮୪ |
| ୧୩. | କେତେକ ଶିଷ୍ଟାଚାର ଶବ୍ଦ ଏବଂ ବାକ୍ୟାଂଶ | ୮୫-୮୬ |
| ୧୪. | ଆଦେଶ / ଅନୁଜ୍ଞା ବାକ୍ୟାବଳୀ | ୮୭-୮୮ |

# ଉପକ୍ରମଣିକା

ଆଦିବାସୀବହୁଳ ରାଜ୍ୟ ଭାବେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ଓଡ଼ିଶାରେ ୬୨ଟି ଉପଜାତି ବସବାସ କରନ୍ତି ଓ ଏମାନଙ୍କୁ ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା ଏହିପରି ତ୍ରିବିଧ ଗୋଷ୍ଠୀରେ ବିଭାଗୀକୃତ କରାଯାଇଛି ।

ଜୁଆଙ୍ଗ ଓଡ଼ିଶାର ଏକ ପ୍ରାଚୀନତମ ଆଦିବାସୀ ଉପଜାତି । ଏହି ଉପଜାତି ଓଡ଼ିଶାରେ ଦେଖାଯାଆନ୍ତି । ଏମାନେ ମୁଖ୍ୟତଃ କେନ୍ଦୁଝର ଜିଲ୍ଲା ଏବଂ ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା ଅଞ୍ଚଳରେ ବାସକରନ୍ତି । କେନ୍ଦୁଝର ଜିଲ୍ଲାର ଗୋନାସିକା ଜୁଆଙ୍ଗ ପୀଢର କୈନ୍ଦ୍ରିକ ପୀଠ । "ଜୁଆଙ୍ଗ" ଶବ୍ଦର ଅର୍ଥ ମଣିଷ । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ଯେ ସେମାନେ ହିଁ ସୃଷ୍ଟିରେ ଆର୍ବିଭୂତ ହୋଇଥିବା ପ୍ରଥମ ମାନବଜାତିର ପ୍ରତ୍ୟକ୍ଷ ବଂଶଧର । ପୁଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକା ପର୍ବତକୁ ହିଁ ଜୁଆଙ୍ଗମାନେ ସେମାନଙ୍କର ସୃଷ୍ଟିର ମୂଳ ସ୍ଥାନ ରୂପେ ମାନ୍ୟ କରନ୍ତି । ଏ ସମ୍ପର୍କରେ ଏକ କିମ୍ବଦନ୍ତୀ ପ୍ରଚଳିତ । କଥିତ ଅଛି - ଧର୍ମ ଦେବତାଙ୍କ ଇଚ୍ଛାନୁସାରେ ସର୍ବପ୍ରଥମେ ଜଣେ ଋଷିଙ୍କ ଔରସରେ ଜୁଆଙ୍ଗମାନଙ୍କର ପ୍ରଥମ ବଂଶଧର ଗୋନାସିକା ପର୍ବତରେ ହିଁ ଜନ୍ମ ନେଇଥିଲା । ଜୁଆଙ୍ଗ ପୀଢଟି କେନ୍ଦୁଝରର ଦକ୍ଷିଣଭାଗରେ ଅବସ୍ଥିତ । କେନ୍ଦୁଝର ଜିଲ୍ଲା ସେମାନଙ୍କର ଆଦି ବାସସ୍ଥାନ ହୋଇଥିବାରୁ କାଳକ୍ରମେ କେନ୍ଦୁଝର ଜିଲ୍ଲାରୁହିଁ ସେମାନେ ଢେଙ୍କାନାଳ ଅଞ୍ଚଳକୁ ଯାଇ ବାସକରିଥିବାର ବିଶ୍ୱାସ କରାଯାଏ ।

ପ୍ରତ୍ୟେକ ଆଦିବାସୀ ଉପଜାତିପରି ଜୁଆଙ୍ଗମାନଙ୍କର ଯେଉଁ ସ୍ୱତନ୍ତ୍ର ଉପଜାତୀୟ ପରିଚିତ ରହିଛି ଏବଂ ତାହା କଳା ଓ ଶିଳ୍ପ, ନୃତ୍ୟ ଓ ଗୀତ, ପରମ୍ପରା ଓ ରୀତିନୀତି ଇତ୍ୟାଦି ମଧ୍ୟରେ ଯେପରି ପ୍ରତିଫଳିତ ଓ ତତୋଧିକ ଭାବେ ସେମାନଙ୍କର ଭାଷାରେ ଉପଲବ୍ଧ୍ୟ । ସେମାନଙ୍କ ଉପଜାତୀୟତାର କେନ୍ଦ୍ରରେ ଭାଷା ପ୍ରତିଷ୍ଠିତ । ଜୁଆଙ୍ଗଭାଷା ମୁଣ୍ଡା (ଅଷ୍ଟ୍ରିକ) ଭାଷା ପରିବାରର ଅନ୍ତର୍ଗତ । ଅନ୍ୟାନ୍ୟ ଭାଷା ମଧ୍ୟରେ ଏହାର ସ୍ଥାନ ନିମ୍ନଲିଖିତ ନକ୍ସାରେ ଦ୍ରଷ୍ଟବ୍ୟ ।




ଉପରୋକ୍ତ ନକ୍ସାନୁସାରେ କେନ୍ଦ୍ରୀୟମୁଣ୍ଡାର ଦୁଇଟି ଶାଖା-ଖଡ଼ିଆ ଓ ଜୁଆଙ୍ଗ । ତେଣୁ ଜୁଆଙ୍ଗ ଭାଷାର କେତେକ ଶବ୍ଦ ଓ ରୂପରଚନା ସହ ଖଡ଼ିଆ ଭାଷାର ଅନେକ ସାମ୍ୟ ପରିଲିକ୍ଷିତ ହୁଏ । ଜୁଆଙ୍ଗ ଭାଷାର ନିଜସ୍ୱଲିପି କି ଲିଖିତ ସାହିତ୍ୟ ନଥିଲେ ମଧ୍ୟ ଏହା ଏକ ଭାବ ପ୍ରକାଶକ୍ଷମ ଭାଷା । ଏ ଭାଷାରେ ପ୍ରଚୁର ମୌଖିକ ସାହିତ୍ୟ, ଗଳ୍ପ, କାହାଣୀ, କିମ୍ବଦନ୍ତୀ, ଢଗ, ପ୍ରବାଦ ଗୀତ ଇତ୍ୟାଦି ରୂପରେ ଉପଲବ୍ଧ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପୂର୍ବରୁ ଜୁଆଙ୍ଗ ଭାଷାରେ ଭାଷା ଓ ଶବ୍ଦକୋଷ ସମ୍ପର୍କୀତ ଗୋଟିଏ ପ୍ରାମାଣିକ ପୁସ୍ତକ ପ୍ରକାଶ କରିଛି । ଏଥିରେ ଜୁଆଙ୍ଗ ବ୍ୟାକରଣର ପ୍ରାରୂପ ସମ୍ପର୍କରେ ଆଲୋଚନା କରାଯାଇଛି । ତେବେ ଜୁଆଙ୍ଗ ଭାଷାକୁ ସହଜ ଓ ସରଳଭାବରେ ଶିଖିବା ପାଇଁ ସମ୍ପ୍ରତି ଏକାଡେମୀ ଦ୍ୱାରା **"ଜୁଆଙ୍ଗ ଭାଷା ଶିକ୍ଷଣ ପୁସ୍ତିକା"**ର ପରିକଳ୍ପନା କରାଯାଇଛି ।

ଭାଷାଶିକ୍ଷଣ ପ୍ରକ୍ରିୟା ଏକ ଜଟିଳ ପଦ୍ଧତି । କିନ୍ତୁ ଥରେ ଆୟତ୍ତ ହୋଇଗଲେ ଶିକ୍ଷଣ ପଦ୍ଧତି ସରଳ ହୋଇଥାଏ । ଏହି ସରଳ ପ୍ରକ୍ରିୟା ଆଉ କି ପଦ୍ଧତି ଅବଲମ୍ବନରେ ସରଳତର ହେବ ତାହା ପାଠକୀୟ ଅବେଦନ ଉପରେ ନିର୍ଭର କରେ । ଏହି ସଂକଳନଟି ଏକ ପ୍ରାଥମିକ ପଦକ୍ଷେପ । ପାଠକଙ୍କ ମତାମତି ଲାଭ କଲାପରେ ଏକାଡ଼େମୀ ଆହୁରି ସୁଗମ କରାଯିବାର ଯୋଜନା ରଖିବ । ପରବର୍ତ୍ତି ସଂସ୍କରଣରେ ପାଠକଙ୍କ ମତାମତକୁ ସମ୍ମାନ ଜଣାଇ ଆବଶ୍ୟକୀୟ ପରିମାର୍ଜନ ଓ ପରିବର୍ଦ୍ଧନ କରିବାକୁ ଚେଷ୍ଟା କରିବ ।

# PRONOUN ସର୍ବନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| I | ମୁଁ | ଆଞ୍ |
| We | ଆମ୍ଭେମାନେ | ନିଠ |
| You | ତୁ | ଆମ୍ |
| You | ତୁମେ | ଆପେ |
| You | ତୁମ୍ଭେମାନେ | ଆପେ |
| He | ସେ (ପୁ) | ଆର (କାବୁଂଲଗ୍) |
| She | ସେ (ସ୍ତ୍ରୀ) | ଆର (କୁଆଙ୍ଗଡାଏ) |
| It/This | ଏହା | ଏନାନ୍ |
| They | ସେମାନେ | ଆରକି |
| Thou | ତୁମ୍ଭେମାନେ | ଆପେ |
| Thee | ତୋତେ | ଆମ୍ତେ |
| (To you) | ତୁମକୁ | ଆପେତେ |
| Me | ମୋତେ | ଆଇଁତେ |
| You | ତୁମ୍ଭଙ୍କୁ / ତୁମ୍ଭମାନଙ୍କୁ | ଆପେତେ / ଆପେତେ |
| His | ତାହାର / ତାଙ୍କର | ଆରା / ଆରାକା |
| Her | ତାକୁ / ତାହାର | ଆରତେ / ଆରା |
| Him | ତାହାକୁ / ତାଙ୍କୁ | ଆରତେ / ଆରତେ |
| Us | ଆମ୍ଭମାନଙ୍କୁ | ନିଇଁତେ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Them | ସେମାନଙ୍କୁ | ଆରକିତେ |
| My | ମୋର | ଆଞ୍ଜା |
| Your | ତୋର | ଆମା |
| Your | ତୁମ୍ଭର / ତୁମ୍ଭମାନଙ୍କର | ଆପେଆ / ଆପେଆ |
| Our | ଆମ୍ଭର / ଆମ୍ଭମାନଙ୍କର | ନିଞ୍ଜା / ନିଞ୍ଜା |
| Their | ସେମାନଙ୍କର | ଆରାଁକା |
| Of thee | ଏମାନଙ୍କର | ଏନାନ୍‌କା |
| Myself | ମୁଁ ନିଜେ | ଆଇଁଞ୍ଜନିଜେ |
| Yourself | ତୁ ନିଜେ | ଆମ୍‌ନିଜେ |
| Himself | ତୁମେ ନିଜେ | ଆପେନିଜେ |
| Herself | ସେ ନିଜେ | ଆରନିଜେ |
| Ourselves | ଆମ୍ଭେମାନେ ନିଜେ | ନିଇଁଜ୍‌ନିଜେ |
| Yourselves | ତୁମ୍ଭେମାନେ ନିଜେ | ଆପେନିଜେ |
| Themselves | ସେମାନେ ନିଜେ | ଆରକିନିଜେ |
| These | ଏଗୁଡ଼ିକ / ଏସବୁ | ଏନିକି /ଏନିକିସମଂଦାଏ |
| Those | ସେଗୁଡ଼ିକ / ସେସବୁ | ଏରେକି /ଏରେସେମଂଦାଏ |
| Who | କିଏ | ଆଡି |
| What | କ'ଣ | ବିରି |
| Why | କାହିଁକି | ବିତେ |
| Where | କେଉଁଠାରେ | ମାଣ୍ଡାତେ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| When | କେତେବେଳେ / କେବେ | କିତିବେଲା / କିତିବଲଆ |
| Which | କେଉଁଟି | ମାଣ୍ଡିଆ |
| Whose | କାହାର | ଆଡିଆ |
| Whom | କାହାକୁ | ଆଡିଡେ |
| How | କିପରି / କେତେ / କେମିତି | ସୁଇଁଣ୍ଡ / କିତି / ସୁଇଁଣ୍ଡ |
| Howmany | କେତେ ସଂଖ୍ୟକ | କିତିଗଟା |
| Howmuch | କେତେ ପରିମାଣ | କିତିପରିମାଣ |
| Here | ଏଇଠି | ନାନ୍‌ତେ |
| This | ଏହା | ଏନାନ୍ |
| Of these | ଏମାନଙ୍କର | ଏନାନ୍‌କା |

# FIRST PERSON ପ୍ରଥମ ପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| କର୍ତ୍ତୃ କାରକ | ପ୍ରଥମା | ମୁଁ | ଆଞ୍ |
| କର୍ମ କାରକ | ଦ୍ୱିତୀୟା | ମୋତେ | ଆଇଁତେ |
| କରଣ କାରକ | ତୃତୀୟା | ମୋ ଦ୍ୱାରା | ଆଞ୍ଜାଦିରେ |
| ସଂପ୍ରଦାନ କାରକ | ଚତୁର୍ଥୀ | ମୋ ପାଇଁ | ଆଞ୍ଜାପାଇଁ |
| ଅପାଦାନ କାରକ | ପଞ୍ଚମୀ | ମୋ ଠାରୁ | ଆଞ୍ଜାତା |
| ସମ୍ବନ୍ଧ କାରକ | ଷଷ୍ଠୀ | ମୋର | ଆଞ୍ଜା |
| ଅଧିକରଣ କାରକ | ସପ୍ତମୀ | ମୋ ଠାରେ | ଆଞ୍ଜାଆସୟାଁ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ଜୁଆଙ୍ଗ ରୂପ | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| ଆମ୍ଭେ ଦୁହେଁ | ନିଂମ୍ବାବାନଗ୍ | ଆମ୍ଭେମାନେ | ନିଂ |
| ଆମ୍ଭ ଦୁହିଁଙ୍କୁ | ନିଂମ୍ବାବାନଗ୍ତେ | ଆମ୍ଭମାନଙ୍କୁ | ନିଂନ୍ତେ |
| ଆମ୍ଭ ଦୁହିଁଙ୍କଦ୍ୱାରା | ନିଂମ୍ବାବାନଗ୍ ଗାଦିରେ | ଆମ୍ଭମାନଙ୍କ ଦ୍ୱାରା | ନିଂଇଂଜାଦିରେ |
| ଆମ୍ଭ ଦୁହିଁଙ୍କପାଇଁ | ନିଂମ୍ବାବାନଗ୍ ଗାପାଇଁ | ଆମ୍ଭମାନଙ୍କ ପାଇଁ | ନିଂଇଁଜା ଦିରେ |
| ଆମ୍ଭ ଦୁହିଁଙ୍କଠାରୁ | ନିଂମ୍ବାବାନଗ୍ ଗାତା | ଆମ୍ଭମାନଙ୍କଠାରୁ | ନିଂଇଂଜାତା |
| ଆମ୍ଭ ଦୁହିଁଙ୍କର | ନିଂମ୍ବାବାନଗ୍ ଗା | ଆମ୍ଭମାନଙ୍କର | ନିଞ୍ଜା |
| ଆମ୍ଭ ଦୁହିଁଙ୍କଠାରେ | ନିଂମ୍ବାବାନ ଲଗାଆସରା | ଆମ୍ଭମାନଙ୍କଠାରେ | ନିଞ୍ଜାଆସ ନିଞ୍ |

# SECOND PERSON ଦ୍ୱିତୀୟ ପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| କର୍ତ୍ତୃ କାରକ | ପ୍ରଥମା | ତୁ/ତୁମେ | ଆମ୍ / ଆପେ |
| କର୍ମ କାରକ | ଦ୍ୱିତୀୟା | ତୋତେ/ତୁମକୁ | ଆମତେ/ଆପେତେ |
| କରଣ କାରକ | ତୃତୀୟା | ତୋ ଦ୍ୱାରା / ତୁମ ଦ୍ୱାରା | ଆମାଦିରେ ଆପେଆଦିରେ |
| ସଂପ୍ରଦାନ କାରକ | ଚତୁର୍ଥୀ | ତୋ ପାଇଁ / ତୁମ ପାଇଁ | ଆମାପାଇଁ ଆପେଆ ପାଇଁ |
| ଅପାଦାନ କାରକ | ପଞ୍ଚମୀ | ତୋ ଠାରୁ / ତୁମ ଠାରୁ | ଆମାତା / ଆପେଆତା |
| ସମ୍ବନ୍ଧ କାରକ | ଷଷ୍ଠୀ | ତୋର/ତୁମର | ଆମା/ଆପେଆ |
| ଅଧିକରଣ କାରକ | ସପ୍ତମୀ | ତୋ ଠାରେ ତୁମ ଠାରେ | ଆମାଆସମା ଆପେଆଆସପେଆ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ଜୁଆଙ୍ଗ ରୂପ | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| ତୁମ୍ଭେ ଦୁହେଁ | ଆପାବାନଗ୍ | ତୁମ୍ଭେମାନେ | ଆପେ |
| ତୁମ୍ଭ ଦୁହିଁଙ୍କୁ | ଆପାବାନଗ୍ତେ | ତୁମ୍ଭମାନଙ୍କୁ | ଆପେତେ |
| ତୁମ୍ଭ ଦୁହିଁଙ୍କଦ୍ୱାରା | ଆପାବାନା/ଗାଦିରେ | ତୁମ୍ଭମାନଙ୍କ ଦ୍ୱାରା | ଆପେଆ/ଦିରେ |
| ତୁମ୍ଭ ଦୁହିଁଙ୍କପାଇଁ | ଆପାବାନ୍/ଗାପାଇଁ | ତୁମ୍ଭମାନଙ୍କ ପାଇଁ | ଆପେଆ ପାଇଁ |
| ତୁମ୍ଭ ଦୁହିଁଙ୍କର | ଆପାବାନ୍ଗ୍ଗା | ତୁମ୍ଭମାନଙ୍କର | ଆପେଆ |
| ତୁମ୍ଭ ଦୁହିଁଙ୍କଠାରେ | ଆପାବାନ୍ ଗଗା ଆସରା | ତୁମ୍ଭମାନଙ୍କଠାରେ | ଆପେଆ ଆସପେଆ |

# THIRD PERSON ତୃତୀୟପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| କର୍ତ୍ତୃ କାରକ | ପ୍ରଥମା | ସେ | ଆର |
| କର୍ମ କାରକ | ଦ୍ୱିତୀୟା | ତାକୁ | ଆରତେ |
| କରଣ କାରକ | ତୃତୀୟା | ତାହା ଦ୍ୱାରା | ଆରାଦିରେ |
| ସଂପ୍ରଦାନ କାରକ | ଚତୁର୍ଥୀ | ତାହା ପାଇଁ | ଆରାପାଇଁ |
| ଅପାଦାନ କାରକ | ପଞ୍ଚମୀ | ତାହା ଠାରୁ<br>ତାଙ୍କ ଠାରୁ | ଆରାତା /<br>ଆରାକାତା |
| ସମ୍ବନ୍ଧ କାରକ | ଷଷ୍ଠୀ | ତାହାର/ତାଙ୍କର | ଆରା/ଆରାକା |
| ଅଧିକରଣ କାରକ | ସପ୍ତମୀ | ତାହା ଠାରେ | ଆରାଂଆସରା |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ଜୁଆଙ୍ଗ ରୂପ | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| ସେ ଦୁହେଁ | ଆରକିଆ ବାନଗ୍ | ସେମାନେ | ଆରକି |
| ସେ ଦୁହିଁଙ୍କୁ | ଆରକିଆତେ | ସେମାନଙ୍କୁ | ଆରକିତେ |
| ସେ ଦୁହିଁଙ୍କଦ୍ୱାରା | ଆରକିଆ ବାନଗା କିଆ ଦିରେ | ସେମାନଙ୍କ ଦ୍ୱାରା | ଆରାକା ଦିରେ |
| ସେ ଦୁହିଁଙ୍କପାଇଁ | ଆରାକିଆ ପାଇଁ | ସେମାନଙ୍କ ପାଇଁ | ଆରାକା ପାଇଁ |
| ସେ ଦୁହିଁଙ୍କଠାରୁ | ଆରକିଆ ବାନଗ୍ ଗାତା | ସେମାନଙ୍କଠାରୁ | ଆରାକାତା |
| ସେ ଦୁହିଁଙ୍କର | ଆରକା | ସେମାନଙ୍କର | ଆରାକା |
| ସେ ଦୁହିଁଙ୍କଠାରେ | ଆରକିଆ ଆସରା କିଆ | ସେମାନଙ୍କଠାରେ | ଆରାକା ଆସରାକା |

# କିଏ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| କର୍ତ୍ତୃ କାରକ | ପ୍ରଥମା | କିଏ | ଆଡି |
| କର୍ମ କାରକ | ଦ୍ୱିତୀୟା | କାହାକୁ | ଆଡିତେ |
| କରଣ କାରକ | ତୃତୀୟା | କାହା ଦ୍ୱାରା | ଆଡିଆଦିରେ |
| ସଂପ୍ରଦାନ କାରକ | ଚତୁର୍ଥୀ | କାହା ପାଇଁ | ଆଡିଆପାଇଁ |
| ଅପାଦାନ କାରକ | ପଞ୍ଚମୀ | କାହାଠାରୁ | ଆଡିଆତା |
| ସମ୍ବନ୍ଧ କାରକ | ଷଷ୍ଠୀ | କାହାର | ଆଡିଆ |
| ଅଧିକରଣ କାରକ | ସପ୍ତମୀ | କାହାଠାରେ | ଆଡିଆ ଆସଆ |

| ବହୁବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ଜୁଆଙ୍ଗ ରୂପ |
| କର୍ତ୍ତୃ କାରକ | ପ୍ରଥମା | କେଉଁମାନେ | ଆଡିକି |
| କର୍ମ କାରକ | ଦ୍ୱିତୀୟା | କେଉଁମାନଙ୍କୁ | ଆଡିକିତେ |
| କରଣ କାରକ | ତୃତୀୟା | କେଉଁମାନଙ୍କ ଦ୍ୱାରା | ଆଡିକା ଦିରେ |
| ସଂପ୍ରଦାନ କାରକ | ଚତୁର୍ଥୀ | କେଉଁମାନଙ୍କ ପାଇଁ | ଆଡିକା ପାଇଁ |
| ଅପାଦାନ କାରକ | ପଞ୍ଚମୀ | କେଉଁମାନଙ୍କଠାରୁ | ଆଡିକାତା |
| ସମ୍ବନ୍ଧ କାରକ | ଷଷ୍ଠୀ | କେଉଁମାନଙ୍କର | ଆଡିକା |
| ଅଧିକରଣ କାରକ | ସପ୍ତମୀ | କେଉଁମାନଙ୍କଠାରେ | ଆଡିକାଆସରାକା |

# PARTS OF THE BODY

## ଶରୀରର ଅଙ୍ଗପ୍ରତ୍ୟଙ୍ଗ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Head and Trunk | ମୁଣ୍ଡ ଓ ଗଣ୍ଡି | ବକବତଇମି |
| Face | ମୁହଁ | ମୁଅଁ |
| Mouth | ପାଟି | ତମ |
| Eye | ଆଖି | ଅମର |
| Eye Lid | ଆଖିପତା | ଆସି ଅମର |
| Tooth | ଦାନ୍ତ | ଦାନ୍ତ |
| Tongue | ଜିଭ | ଆଇଲାଙ୍ଗ |
| Forehead | କପାଳ | ଏମଙ୍ଗ |
| Skull | ଖପୁରୀ | କପୁରୀ |
| Brain | ମସ୍ତିଷ୍କ | ଗିରି |
| Cheek | ଗାଲ | ଗାଲ |
| Hair | ବାଳ | ଦୁଣ୍ଡା |
| Ear | କାନ | ଲୁତୁର |
| Throat | ଗଳା | ଟୁଣ୍ଡି |
| Neck | ବେକ | କଂକ |
| Ribs | ପଞ୍ଜରା | ଚାଟୁଆ |
| Chest | ଛାତି | ଚାତି |
| Lungs | ଫୁସ୍‌ଫୁସ୍ | ପୁସ୍‌ପୁସ୍ |
| Spleen | ପ୍ଲିହା | ପିଲହା |
| Stomach | ପାକସ୍ଥଳୀ | ପାକସ୍ଥଳ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Belly | ପେଟ | ଇତିପ୍ |
| Abdomen | ତଳିପେଟ | ତୁଲି ଇତିପ୍ |
| Shoulder | କାନ୍ଧ | ତାରମ୍ |
| Arm | ବାହୁ | ଇତି |
| Elbow | କହୁଣୀ | କଉଣୀ |
| Hand | ହାତ | ଇତି |
| Palm | ପାପୁଲି | ଆଲାଗ ଇତି |
| Finger | ଆଙ୍ଗୁଠି | ଆଙ୍ଗୁଳି |
| Left Hand | ବାମ ହାତ | ସାଗିତି |
| Right Hand | ଡାହାଣ ହାତ | ଡିଅଇତି |
| Nose | ନାକ | ମତେଜ୍ |
| Lip | ଓଠ | ଥୁମୁପି |
| Chin | ଥୋଡ଼ି | ଗାଲ |
| Tonsil | ଘଣ୍ଟିକା | ଗାଲଟଂ |
| Wrist | ମଣିବନ୍ଧ | ଇତିଗପ୍ଟି |
| Nail | ନଖ | ନୁକୃତି |
| Thumb | ବୃଦ୍ଧାଙ୍ଗୁଳି | ବୁଢା ଆଙ୍ଗୁଳି |
| Fore Finger | ତର୍ଜନି | ବିଷ ଆଙ୍ଗୁଳ |
| Middle Finger | ମଧ୍ୟମା | ମଝି |
| Ring Finger | ଅନାମିକା | ମୁଦି |
| Little Finger | କନିଷ୍ଠା | କାନି ଆଙ୍ଗୁଳି |
| Navel | ନାଭି | ଉ ସୁପୁଇ |
| Back | ପିଠି | କିନ |
| Backbone | ମେରୁଦଣ୍ଡ | ରିତାହାତ |
| Waist | | |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| | ଅଣ୍ଟା | ଅଣ୍ଟା |
| Armpit | କାଖ | କାକ |
| Thigh | ଜଙ୍ଘ | ଚାଟୁଆ |
| Anus | ମଳଦ୍ୱାର | ସମ୍ନା |
| Skin | ଚମଡ଼ା | ଚାଲ |
| Umbilical Cord | ନାଭିପୋଛା | ନାଉଡି |
| Knee | ଆଣ୍ଠୁ | ଆଣ୍ଠୁ |
| Leg | ଗୋଡ଼ | ଇଦିଙ୍ଗ |
| Ankle | ବଳାଗଣ୍ଠି | ଇଦି ଗଣ୍ଠ |
| Foot | ପାଦ | ପାଦ |
| Heel | ଗୋଇଠି | ରେଡିଜିଙ୍ଗଂ |
| Sole | ତଳିପାଦ | ତୁଳି ଇଜିଂ |
| Toe | ପାଦ ଆଙ୍ଗୁଠି | ଇଦିଂ ଆଙ୍ଗୁଳି |
| Breast | ସ୍ତନ | ନୁନୁ |
| Liver | ଯକୃତ | - |
| Buttock | ପିଚା | ଇଚା |
| Lap | କୋଳ | କୁଲ |
| Pulse | ନାଡ଼ି | - |
| Kidney | ମୁତ୍ରକୋଷ | - |
| Heart | ହୃଦୟ | ଆତାମା |
| Bone | ହାଡ଼ / ଅସ୍ଥି | ଆହାଡ |
| Tear | ଲୁହ | ଅମଡାକ |
| Body | ଶରୀର | ଇଣି |
| Eye brow | ଭ୍ରୂଲତା | ଆସିମର୍ |
| Unethra | ମୁତ୍ରଦ୍ୱାର | କାଲୁଙ୍ଗତର ଦୁଆର |
| Nipple | ସ୍ତନାଗ୍ର | ଗଳିଂ |

# NATURAL NAMES ପ୍ରାକୃତିକ ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Forest | ଜଙ୍ଗଲ | ବଣ |
| Hill | ପାହାଡ଼ | ଟାଙ୍ଗର ବଣ / ଏଗେରସାର |
| Stream | ଝରଣା | ଡୁମ୍ବରା |
| River | ନଦୀ | ନୁଦୀ |
| Stone | ପଥର | ଟାଙ୍ଗର |
| Earth | ପୃଥିବୀ | ମୁଲୁକ |
| Sand | ବାଲି | ବାଲି |
| Air / Wind | ପବନ / ବାୟୁ | ପବନ |
| Water | ପାଣି | ଡାକ |
| Sun | ସୂର୍ଯ୍ୟ | ବେଳ |
| Moon | ଚନ୍ଦ୍ର | ଲେରାଙ୍ଗ |
| Sky | ଆକାଶ | ସରଗ |
| Star | ତାରକା | କୁମୁଞ୍ଜଡାକ |
| Thunder | ଚଡ଼ଚଡ଼ି / ଘଡ଼ଘଡ଼ି | ଚଡକ |
| Lightening | ବିଜୁଳି | ବିଜୁଳି |
| Rain | ବର୍ଷା | ଶିମା |
| Ray | କିରଣ | କାରା |
| Cloud | ବାଦଲ | ବାଦଲ |
| Moon light | ଚନ୍ଦ୍ର କିରଣ | ଲେରାଙ୍ଗଚର |
| Sun light | ସୂର୍ଯ୍ୟ କିରଣ | କାରା |
| Full moon | ପୂର୍ଣ୍ଣମୀ | ପୁନେଇଁ |
| New moon | ଅମାବାସ୍ୟା | ଅମିଷା |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Solar Eclipse | ସୂର୍ଯ୍ୟପରାଗ | ଗରଣ |
| Lunar Eclipse | ଚନ୍ଦ୍ରଗ୍ରହଣ | ଲେଗଙ୍ଗ ଗରମ |
| Fortnight | ପକ୍ଷ | |
| Dark fortnight | କୃଷ୍ଣପକ୍ଷ | ଲେରାଙ୍ଗ ଧାମର |
| Bright fortnight | ଶୁକ୍ଳପକ୍ଷ | ଲେରାଙ୍ଗ ଆଲ |
| Wind | ପବନ | ପବନ |
| Strom | ଝଡ଼ | ଜୋର ପବନ ଇରେ |

# LANDTYPE ଜମି କିସମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Land | ଜମି | ବିଲ |
| Dry land | ଢିପ ଜମି | ଦିପାବିଲ |
| Wet land | ନାଳିଜମି / ବାହଲଜମି | ବେଡାବିଲ |
| Hill Slope land | ପାହାଡ଼ିଆ ଢାଲୁ ଜମି | ଡଙ୍ଗ୍ |
| Hilly land | ପାହାଡ଼ିଆ ଜମି | ଏକାନ |
| Kitchen garden | ବଗିଚା | ବାକାକି |
| Guda land (Up-land) | ଢିପ ଜମି | ଗଡାକ୍ |
| Midium land | ଗଡ଼ା | ବିଲ |
| Plateau | ମାଳଭୂମି | ନାଳବିଲ୍ |
| River bank | ନଦୀ କୂଳ | ନଦୀ କୁଳିଆ ବିଲ୍ |

# NAME OF THE CROPS ଶସ୍ୟର ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Paddy | ଧାନ | ବୁଆ |
| Wheat | ଗହମ | ଗଅମ୍ |
| Regi | ମାଣ୍ଡିଆ | କୁଦ୍ରୁ |
| Minor Millet | ଗୁଲଜି / ଚଣା | ଗୁଳଦି |
| Kodoi | କୋଦୁଅ | କୁଦୁ |
| Maize | ମକା | ଜୁଆଣି |
| Jowar | ଗଙ୍ଗାଇ | ଜିଞ୍ଚାରି |
| Cotton | କପା | କପା |
| Red gram | ହରଡ଼ | ସେଣାଇ |
| Black gram | ବିରି | ସୁଲୁର |
| Horse gram | କୋଳଥ | କୋଳଥ |
| Green gram | ମୁଗ | ମୁଗ |
| Lentils | ମସୁର | ମସୁରୀ |
| Ground gram | ବୁଟ | ବୁଟ |
| Pea | ମଟର ଛୁଇଁ | ମଟର ଛଇଁ |
| Sesamum | ରାଶି | ରାମତିଳା |
| Mustard | ଶୋରିଷ | ସୁରୁଷ |
| Nizar | ଅଳସୀ | |
| Dal | ଡାଲି | ଡାଲିବାଦାମ |
| Ground nut | ଗଦାମ୍ | |
| Bean | ଶିମ୍ବ | ଶିମ |

| FLOWER ଫୁଲ | | |
| --- | --- | --- |
| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
| Flower | ଫୁଲ | ରାସିଂ |
| Marigold | ଗେଣ୍ଡୁ | ଗଣ୍ଡି ରାସିଂ |
| Rose | ଗୋଲାପ | – |
| China rose | ମନ୍ଦାର | – |
| Tulip | ମଲ୍ଲୀ | – |
| Moonbean | ଟଗର | – |
| Lotus | ପଦ୍ମ | – |
| Keruan | କୁରେଇ | – |
| Oleander | କନିଅର | – |
| Holy basil | ତୁଳସୀ | ତୁଳସା |
| Sun flower | ସୂର୍ଯ୍ୟମୁଖୀ | – |
| Starmoney flower | ଦୁଦୁରା | – |
| Tube rose | ରଜନୀଗନ୍ଧା | – |
| Jasmine | ଯୁଇ | – |
| Lilly | କଇଁ | – |
| Screw pine | କେତକୀ | – |
| China bux | କାମିନୀ | |
| Palash flower | ପଳାଶ | |

# NAME OF THE TREES ଗଛର ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Tree | ଗଛ / ବୃକ୍ଷ | ସୁମୁସିଂ |
| Mango | ଆମ୍ବ | ଅଲେ |
| Cashew | ଲଙ୍କାଆମ୍ବ | ଡୁଙ୍ଗାରୀ |
| Jack fruit | ପଣସ | ଅପସସ |
| Papaya | ଅମୃତଭଣ୍ଡା | ବେଡା |
| Banana | କଦଳୀ | କଦୀକ |
| Fig | ଡିମିରି | ଡୁମ୍ବରୀ |
| Mahua | ମହୁଲ | ସୁପୁନ |
| Kendu | କେନ୍ଦୁ | ଚେରାନ୍ |
| Palm Tree | ତାଳଗଛ | - |
| Black berry | ଜାମୁକୋଳି | ଜାମ୍ବୁ |
| Kusum | କୁସୁମ | ବାଙ୍ଗରୁପ୍ |
| Bel tree | ବେଲଗଛ | କୁଲାପ୍ ସୁମସିଂ |
| Teak tree | ଶାଗୁଆନ୍ ଗଛ | - |
| Sal tree | ଶାଳ ଗଛ | ସାରଗିଆ |
| Flax plant | ଛଣପଟ ଗଛ | କାଉଁରିଆ |
| Bamboo | ବାଉଁଶ | ଆଳ |
| Tamarind | ତେନ୍ତୁଳୀ | ତ୍ରିନ୍ତିପି |
| Peepul tree | ଅଶ୍ୱତ୍ଥ ବୃକ୍ଷ | ଜୁରି |
| Neem | ନିମ୍ବ | ନିମ୍ |
| Drum stick | ସଜନା | - |
| Lemon | ଲେମ୍ବୁ | - |
| Berry | ବରକୋଳି | ବଳ ଅଦାଙ୍ଗ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Banyan tree | ବରଗଛ | ବଳ ମୁସୁସିଂ |
| Flaver tree | କଦମ୍ବ | - |
| Pongamia glalua | କରଞ୍ଜ | କାରଞ୍ଜ |
| Terminelia chefula | ହରିଡ଼ା | ଉରିଡା |
| Bahada | ବାହାଡ଼ା | ଟୁପ୍ପୁ |
| Amla | ଅଁଳା | ଆଆଂପା |
| Silk cotton | ସିମୁଳି | ଶୁମୁଳି |

# DESCRIPTION OF HOUSE

# ଘରର ବିବରଣୀ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| House | ଘର | ଇଞ୍ଜା |
| Cattle shed | ଗୁହାଳ | ଗୁଳିତାଂ |
| Roof | ଛାତ | ଚାତ |
| Floor | ଚଟାଣ | ଲକା |
| Wall | କାନ୍ଥ | କାନ୍ତି |
| Beam | କଡ଼ି | କୁଣ୍ଡ |
| Door | କବାଟ | ସେଡାକ |
| Window | ଝରକା | ଝରକା |
| Doorsil | ଏରୁଣ୍ଡି | କୁନ୍ତୁଳି |
| Gate | ଫାଟକ | ଗେଟ୍ |
| Dining room | ଖାଇବାଘର | ଉଗୁନିଞ୍ଜା |
| Pillar | ଖୁଣ୍ଟି | କୁଗୁ |
| Verandah | ବାରଣ୍ଡା | ପିଣ୍ଡା |
| Court-yard | ଅଗଣା | ବାଏ |

# IMPLEMENTS ସରଞ୍ଜାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Plough | ଲଙ୍ଗଳ | ସିନି |
| Handle of plough | ଲଙ୍ଗଳମୁନ | ଆଳ କ୍ଷହି ଲଆ |
| Goad | ଆଙ୍କଗ | |
| Yoke | ଯୁଆଳୀ | ଜୁଆଳି |
| Spade | କୋଦାଳ / କୋଡ଼ି | କୁଦାଳି |
| Axe | ଟାଙ୍ଗିଆ / କୁରାଢ଼ି | ଗୁଟିଆ |
| Sickle | ଦାଆ | ଦାଓ |
| Carrying rope | ଶିକା | ଉଲିର |
| Carrying pole | ବାହୁଙ୍ଗୀ | ବାର |
| Mace / club | ଠେଙ୍ଗା | ବାଡ଼ି |
| Row | କାତ | କାଟ |
| Spindle | ତାକୁଡ଼ି | ଗଇଟି |
| Boat | ଡଙ୍ଗା | ଡଙ୍ଗା |
| Bow | ଧନୁ | କାକା |
| Arrow | ତୀର | କସକମ୍ |
| Winnowing fan | କୁଲା | ଉତାନ |
| Fishing hook | ବନ୍‌ଶୀକଣ୍ଟା | କଣ୍ଟାଲାଠି |
| Spear | ବରଛା | ଦନଟା |
| Vegetable chopper | ପନିକି | ପୁଙ୍କୁକି |
| Bill hook | କଟୁରୀ | କଟୁରୀ |
| Hoe | କୋଡ଼ି | କୁଦାଳି |
| Crowbar | ଶାବଳ | ଶାବଳ |
| Hatchet | ଟାଙ୍ଗିଆ | ଆଳିଟା |
| Plane | ମଇ | ମଇ |
| Grinder | ଶିଳ | ଆଟାସର |
| Stick | ବାଡ଼ି | ବାଡ଼ି |
| Knife | ଛୁରୀ | ସେମର |

## DAYS ବାର

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Sunday | ରବିବାର | ରୁଇବାର |
| Monday | ସୋମବାର | ସମ୍‌ବାର |
| Tuesday | ମଙ୍ଗଳବାର | ମଙ୍ଗଲବାର |
| Wednesday | ବୁଧବାର | ବୁଧ୍‌ବାର |
| Thursday | ଗୁରୁବାର | ଗୁର୍‌ବାର |
| Friday | ଶୁକ୍ରବାର | ଶୁକୁରୁବାର |
| Saturday | ଶନିବାର | ଶୁନିବାର |

## MONTHS ମାସ

| | | | |
|---|---|---|---|
| January | ପୌଷ-ମାଘ | ବୈଶାଖ | ବଇସାକ |
| February | ମାଘ-ଫାଲ୍‌ଗୁନ | ଜ୍ୟେଷ୍ଠ | ଜ୍ୟେଷ୍ଠ |
| March | ଫାଲ୍‌ଗୁନ-ଚୈତ୍ର | ଆଷାଢ଼ | ଆଷାଳ |
| April | ଚୈତ୍ର-ବୈଶାଖ | ଶ୍ରାବଣ | ଶ୍ରାବଣ |
| May | ବୈଶାଖ-ଜ୍ୟେଷ୍ଠ | ଭାଦ୍ରବ | ଦୁଦ୍ |
| June | ଜ୍ୟେଷ୍ଠ-ଆଷାଢ଼ | ଆଶ୍ୱିନ | ଅସିଣ |
| July | ଆଷାଢ଼-ଶ୍ରାବଣ | କାର୍ତ୍ତିକ | କାର୍ତ୍ତିକ |
| August | ଶ୍ରାବଣ-ଭାଦ୍ରବ | ମାର୍ଗଶୀର | ମଙ୍ଗିସିର |
| September | ଭାଦ୍ରବ-ଆଶ୍ୱିନ | ପୌଷ | ପୁଷ |
| October | ଆଶ୍ୱିନ-କାର୍ତ୍ତିକ | ମାଘ | ମାଗ |
| November | କାର୍ତ୍ତିକ-ମାର୍ଗଶୀର | ଫାଲ୍‌ଗୁନ | ପଗୁଣ |
| December | ମାର୍ଗଶୀର-ପୌଷ | ଚୈତ୍ର | ଚଇତ |

## SEASONS ଋତୁ

| | | |
|---|---|---|
| Summer | ଗ୍ରୀଷ୍ମ | କାରା ରତୁ |
| Rainy | ବର୍ଷା | ଗିମା ରତୁ |
| Autumn | ଶରତ | - |
| Dew | ହେମନ୍ତ | - |
| Winter | ଶୀତ | |
| Spring | ବସନ୍ତ | ରାଙ୍ଗା ରତୁ |

# COMMON VERBS ସାଧାରଣ କ୍ରିୟା

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
| --- | --- | --- |
| Go | ଯିବା | ନପ୍ତେ |
| Come | ଆସିବା | ନେଡେପ୍ତେ |
| Sit | ବସିବା | ନେଡକନା |
| Eat | ଖାଇବା | ଉରେ / ନୁରେ |
| Drink | ପିଇବା | ଦାଉରେ / ନୁରେ |
| See | ଦେଖିବା | ଲଂସେରେ |
| Hear / Listen | ଶୁଣିବା | ନଙ୍ଗେ |
| Walk | ଚାଲିବା | ନେଡାଜିଙ୍ଗେ |
| Cook | ରାନ୍ଧିବା | ନେଗକାଇ |
| Learn | ଶିଖିବା | ବାସନେ |
| Sing | ଗାଇବା | ନିଗିତଏ |
| Dance | ନୃତ୍ୟ କରିବା | ନିକିଦେ |
| Bathe | ଗାଧୋଇବା | ନୁଆଙ୍ଗା/ଡାଲୁଙ୍ଗେ |
| Play | ଖେଳିବା | ନେକେଲାଇ |
| Jump | ଡେଇଁବା | ନେଡେଗେ |
| Brush | ଦାନ୍ତ ଘଷିବା | ନେକାଡେନା |
| Run | ଦୌଡ଼ିବା | ନେଡଉଡେ |
| Irrigate | ପାଣି ମଡ଼ାଇବା | ଡାକ ନେମାଡାଇ |
| Find | ପାଇବା | ନିକୁଇନା |
| Winnow | ପାଛୁଡ଼ିବା | ନେଲାରାଇ |
| Laugh | ହସିବା | ନେକାରା |
| Cry | କାନ୍ଦିବା | ନେଜେଗେ |
| Say | କହିବା | ନେଗାତାଇ |
| Write | ଲେଖିବା | ନେଲେକେନା |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Cultivate | ଚାଷ କରିବା | ବୁଆ ନିବିନା |
| Sleep | ଶୋଇବା | ନେଲେବେରେ |
| Rest | ବିଶ୍ରାମ କରିବା | ନିଜିରାଇନା |
| Buy | କିଣିବା | ନେସଙ୍ଗେ |
| Answer | ଉତ୍ତର ଦେବା | ଉତ୍ତର ନିଡିଞ୍ଜୋ |
| Attack | ଆକ୍ରମଣ କରିବା | |
| Bring | ଆଣିବା | ନରେନେ |
| Build | ତିଆରି କରିବା | ନେବନାଇ |
| Call | ଡାକିବା | ନେଡାକେ |
| Climb | ଚଢ଼ିବା | ନେଡାଞ୍ଜି |
| Cut | କାଟିବା | ନେଡେଦେ |
| Dig | ଖୋଳିବା | ନେଲାଲାଇ |
| Save | ସଞ୍ଚୟ କରିବା | ନାବଲୁଙ୍ଗା |
| Fight | ଲଢ଼େଇ କରିବା | ନେକଲେଞ୍ଜା |
| Fill | ପୂରଣ କରିବା | ନିପୁରାଏ |
| Get | ପାଇବା | ନିକୁୟାନ |
| Give | ଦେବା | ନିଡିଂ |
| Hang | ଝୁଲାଇବା | ନାବକେଲାଇ |
| Help | ସାହାଯ୍ୟ କରିବା | ନେସାକାଇ |
| Know | ଜାଣିବା | ନେଙ୍କ |
| Keep | ରଖିବା | ନୁନେ |
| Kill | ମାରିବା | ନେଗେ |
| Look | ଦେଖିବା | ନେଲଂସେକେ |
| Use | ବ୍ୟବହାର କରିବା | ବେବାର କିବେକେ |
| Obey | ମାନିବା | ନେମାନେ |
| Put | ରଖିବା | ନୁନା |
| Read | ପଢ଼ିବା | ନେପତେ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Write | ଲେଖିବା | ନେଲେକେନା |
| Seek | ଖୋଜିବା | ନେଡଗରାଇନା |
| Sell | ବିକ୍ରି କରିବା | ନାପସଂଗା |
| Stand | ଛିଡ଼ାହେବା | ନେତବନା |
| Start | ଆରମ୍ଭ କରିବା | – |
| Ask | ପଚାରିବା | ନିଜିଙ୍ଗେ |
| Steal | ଚୋରି କରିବା | ନିଚୁରମା |
| Send | ପଠାଇବା | ନିକିନେ |
| Swim | ପହଁରିବା | ନେଫହରେ |
| Sweep | ଝାଡୁ କରିବା | ନେଦଦଗେ |
| Slay | ହତ୍ୟା କରିବା | ନେଡେଦେ |
| Take | ନେବା | ବାଗୁଙ୍ଗା |
| Want | ଇଚ୍ଛା କରିବା | ମନ ଆସିକେ |
| Wear | ପିନ୍ଧିବା | ନିକୁନା |
| Win | ଜିତିବା | ନିଦିତେନା |
| Watch | ଜଗିବା | ନେଦଗେନା |
| Wash | ସଫା କରିବା | ସଫା ନିକିମା |
| Work | କାମ କରିବା | ନେକମନା |
| Do | କରିବା | ନିକିବେ |
| Fall | ପଡ଼ିଯିବା | ନେପଡେ |
| Leave | ଛାଡ଼ିବା | ନେସାଡେ |
| Shut | ବନ୍ଦ କରିବା | ନେକରେ |
| Sow | ବୁଣିବା | ନିବିରେ |
| Throw | ଫୋପାଡ଼ିବା | ନିଛଗେ |
| Teach | ପଢ଼ାଇବା | ନେପଢ଼ାଇ |
| Spend | ଖର୍ଚ୍ଚ କରିବା | ଖର୍ଚ୍ଚ ନିକିମା |
| Think | ଚିନ୍ତା କରିବା | ଚିନ୍ତା ନିକିମା |
| Pray | ପ୍ରାର୍ଥନା କରିବା | ପାରାତନା |

# PRESENT TENSE ବର୍ତ୍ତମାନ କାଳ

| | First Person -<br>Singular Number-<br>ପ୍ରଥମ ପୁରୁଷ - ଏକ ବଚନ | First Person<br>Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | I go<br>ମୁଁ ଯାଏ<br>ଆଇଁକ୍ ଅଣ୍ଡେ<br>I eat<br>ମୁଁ ଖାଏ<br>ଆଇଁକ୍ ଉର୍‌କେ | We go<br>ଆମ୍ଭେମାନେ ଯାଉ<br>ନିଇଁକ୍ ନଣ୍ଡେ<br>We eat<br>ଆମ୍ଭେମାନେ ଖାଉ<br>ନିଇଁକ୍ ନୁଉର୍‌କେ |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | I am going<br>ମୁଁ ଯାଉଛି<br>ଆଇଁକ୍ ଅଣ୍ଡେ<br>I am eating<br>ମୁଁ ଖାଉଛି<br>ଆଇଁକ୍ ଉର୍‌କେ | We are going<br>ଆମ୍ଭେମାନେ ଯାଉଛୁ<br>ନିଇଁକ୍ ନଣ୍ଡେ<br>We are eating<br>ଆମ୍ଭେମାନେ ଖାଉଛୁ<br>ନିଇଁକ୍ ନୁର୍ ନମ୍‌ଣ୍ଡେ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | I have gone<br>ମୁଁ ଯାଇଛି<br>ଆଙ୍ଗ୍ ଅନ୍‌ଚେରେ<br>I have eaten<br>ମୁଁ ଖାଇଛି<br>ଆଙ୍ଗ୍ ଉର୍‌ସେକେ | We have gone<br>ଆମ୍ଭେମାନେ ଯାଇଛୁ<br>ନିଇଁକ୍ ନନ୍ ଚେରେ<br>We have eaten<br>ଆମ୍ଭେମାନେ ଖାଇଛୁ<br>ନିଇଁକ୍ ନୁର୍ ସେକେ |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | I have been going<br>ମୁଁ ଯାଇ ଆସୁଅଛି<br>ଆଙ୍ଗ୍ ଅନଜ୍ ଡେନ୍‌ଣ୍ଡେ<br>I have been eating<br>ମୁଁ ଖାଇ ଆସୁଅଛି<br>ଆଙ୍ଗ୍ ଉର୍‌ଜ ଡେନ୍‌ଣ୍ଡେ | We have been going<br>ଆମ୍ଭେମାନେ ଯାଇ ଆସୁଅଛୁ<br>ନିଇଁକ୍ ନନ୍‌ଜ ବେଡେଣ୍ଡେ<br>We have been eating<br>ଆମ୍ଭେମାନେ ଖାଇ ଆସୁଅଛୁ<br>ନିଇଁକ୍ ନୁର୍‌ଜ ନେଡେଣ୍ଡେ |

| | Second Person - Singular Number<br>ଦ୍ୱିତୀୟ ପୁରୁଷ - ଏକ ବଚନ | Second Person - Plural Number<br>ଦ୍ୱିତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | You go<br>ତୁ ଯାଉ<br>ଆମ୍ ଡାଏ<br>You eat<br>ତୁ ଖାଉ<br>ଆମ୍ ନୁରକେ | You go<br>ତୁମ୍ଭେମାନେ ଯାଅ<br>ଆପେ ଅନାପେ<br>You eat<br>ତୁମ୍ଭେମାନେ ଖାଅ<br>ଆପେ ଉର୍‌ପେ |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | You are going<br>ତୁ ଯାଉଛୁ<br>ଆମ୍ ମଣ୍ଡେ<br>You are eating<br>ତୁ ଖାଉଛୁ<br>ଆମ୍ ନୁରକେ | You are going<br>ତୁମ୍ଭେମାନେ ଯାଉଛ<br>ଆପେଏ ଅନ୍‌ଣ୍ଡେ<br>You are eating<br>ତୁମ୍ଭେମାନେ ଖାଉଛ<br>ଆପେ ଇଉର୍‌କେ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | You have gone<br>ତୁ ଯାଇଛୁ<br>ଆମ୍ ମନ୍‌ଚେର<br>You have eaten<br>ତୁ ଖାଇଛୁ<br>ଆମ୍ ନୁର୍‌ଚେର | You have gone<br>ତୁମ୍ଭେମାନେ ଯାଇଛ<br>ଆପେ ଏଅନ୍‌ଚେର<br>You have eaten<br>ତୁମ୍ଭେମାନେ ଖାଇଛ<br>ଆପେଇଉ ଚେର |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | You have been going<br>ତୁ ଯାଇ ଆସୁଅଛୁ<br>ଆଞ୍ଜ୍ ଅନ୍‌ଜ ଡେନ୍‌ଣ୍ଡେ<br>You have been eating<br>ତୁ ଖାଇ ଆସୁଅଛୁ<br>ଆମ୍ ନୁରଜ ମେଡେଣ୍ଡେ | You have been going<br>ତୁମ୍ଭେମାନେ ଯାଇ ଆସୁଅଛ<br>ଆପେଏ ଅନଜ ଏଡେଣ୍ଡେ<br>You have been eating<br>ତୁମ୍ଭେମାନେ ଖାଇ ଆସୁଅଛ<br>ଆପେଇ ଉରଜ ଏଡେଣ୍ଡେ |

| | Third Person - Singular Number<br>ତୃତୀୟ ପୁରୁଷ – ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ – ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | He / She goes<br>ସେ ଯାଏ<br>ଆରଅଣ୍ଡେ<br>He / She eats<br>ସେ ଖାଏ<br>ଆର ଉର୍‌କେ | They go<br>ସେମାନେ ଯାଆନ୍ତି<br>ଆରକି ଅଣ୍ଡେକି<br>They eat<br>ସେମାନେ ଖାଆନ୍ତି<br>ଆରକି ଉର୍‌କି କି |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | He / She is going<br>ସେ ଯାଉଛି<br>ଆର ଅଣ୍ଡେ<br>He / She is eating<br>ସେ ଖାଉଛି<br>ଆର ଉର୍‌କେ | They are going<br>ସେମାନେ ଯାଉଛନ୍ତି<br>ଆରକି ଅଣ୍ଡେକି<br>They are eating<br>ସେମାନେ ଖାଉଛନ୍ତି<br>ଆରକି ଉର୍‌କି କି |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | He / She has gone<br>ସେ ଯାଇଛି<br>ଆରଅନ୍‌ଚେରେ<br>He / She has eaten<br>ସେ ଖାଇଛି<br>ଆର ଉର୍‌ଚେକେ | They have gone<br>ସେମାନେ ଯାଇଛନ୍ତି<br>ଆରକି ଅନ୍‌ଚେରିକି<br>They have eaten<br>ସେମାନେ ଖାଇଛନ୍ତି<br>ଆରକି ଉର୍‌ଚି କିକିତେ |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | He / She has been going<br>ସେ ଯାଇ ଆସୁଅଛି<br>ଆର ଅନଜ୍ଜ ଡେଣ୍ଡେ<br>He / She has been eating<br>ସେ ଖାଇ ଆସୁଅଛି<br>ଆର ଉରଜ୍ଜିଡେଣ୍ଡେ | They have been going<br>ସେମାନେ ଯାଇ ଆସୁଛନ୍ତି<br>ଆରକି ଅନକିଜ ଡେନ୍‌ଡିକି<br>They have been eating<br>ସେମାନେ ଖାଇ ଆସୁଛନ୍ତି<br>ଆରକି ଉରକିଜ ଡେନ୍‌ଡେକି |

# PASTTENSE ଅତୀତ କାଳ

| | First Person -<br>Singular Number<br>ପ୍ରଥମ ପୁରୁଷ – ଏକ ବଚନ | First Person -<br>Plural Number<br>ପ୍ରଥମ ପୁରୁଷ – ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | I went<br>ମୁଁ ଗଲି<br>ଆଞ୍ଜ୍ ଅନ<br>I ate<br>ମୁଁ ଖାଇଲି<br>ଆଞ୍ଜ ଉର | We went<br>ଆମ୍ଭେମାନେ ଗଲୁ<br>ନିଇଁଙ୍କ୍ ନନ<br>We ate<br>ଆମ୍ଭେମାନେ ଖାଇଲୁ<br>ନିଇଁଙ୍କ୍ ନୁର |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | I was going<br>ମୁଁ ଯାଉଥିଲି<br>ଆଞ୍ଜ୍ ଉର୍ଚେର<br>I was eating<br>ମୁଁ ଖାଉଥିଲି<br>ଆଞ୍ଜ୍ ଉରୁନମାନ୍ | We were going<br>ଆମ୍ଭେମାନେ ଯାଉଥିଲୁ<br>ନିଇଁଙ୍କ୍ ନଙ୍ଗନମାନ୍<br>We were eating<br>ଆମ୍ଭେମାନେ ଖାଉଥିଲୁ<br>ନିଇଁଙ୍କ୍ ନୁରୁନମାନ୍ |
| Past Perfect<br>ସଂପୂର୍ଣ୍ଣ ଅତୀତ | I had gone<br>ମୁଁ ଯାଇଥିଲି<br>ଆଞ୍ଜ ଅନ୍ଚେର<br>I had eaten<br>ମୁଁ ଖାଇଥିଲି<br>ଆଞ୍ଜ୍ ଉର୍ଚେର | We had gone<br>ଆମ୍ଭେମାନେ ଯାଇଥିଲୁ<br>ନିଇଁଙ୍କ୍ ନନ୍ଚେର<br>We had eaten<br>ଆମ୍ଭେମାନେ ଖାଇଥିଲୁ<br>ନିଇଁଙ୍କ୍ ନୁରୁଚେର |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | I had been going<br>ମୁଁ ଯାଇ ଆସୁଥିଲି<br>ଆଞ୍ଜ୍ ଅନ୍ଙ୍କଡେ ଡନମାନ୍<br>I had been eating<br>ମୁଁ ଖାଇ ଆସୁଥିଲି<br>ଆଞ୍ଜ୍ ଉରଙ୍କଡେ ଡନମାନ୍ | We had been going<br>ଆମ୍ଭେମାନେ ଯାଇ ଆସୁଥିଲୁ<br>ନିଇଁଙ୍କ୍ ନନ୍ଙ୍କନେଡେ ଡନମାନ୍<br>We had been eating<br>ଆମ୍ଭେମାନେ ଖାଇ ଆସୁଥିଲୁ<br>ନିଇଁଙ୍କ୍ ନୁରଙ୍କ ନେଡେ ଡମାନ୍ |

| | Second Person - Singular Number<br>ଦ୍ୱିତୀୟ ପୁରୁଷ - ଏକ ବଚନ | Second Person - Plural Number<br>ଦ୍ୱିତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | You went<br>ତୁ ଗଲୁ<br>ଆମ୍ ମନ<br>You ate<br>ତୁ ଖାଇଲୁ<br>ଆମ୍ ମୁର | You went<br>ତୁମ୍ଭେମାନେ ଗଲ<br>ଆପେ ଏଅନ<br>You ate<br>ତୁମ୍ଭେମାନେ ଖାଇଲ<br>ଆପେ ଇଉର |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | You were going<br>ତୁ ଯାଉଥିଲୁ<br>ଆମ୍ ମନ୍‌ଚେର<br>You were eating<br>ତୁ ଖାଉଥିଲୁ<br>ଆମ୍ ମୁରୁନ ମାନ୍ | You were going<br>ତୁମ୍ଭେମାନେ ଯାଉଥିଲ<br>ଆପେ ଏଅଡନମାନ୍<br>You were eating<br>ତୁମ୍ଭେମାନେ ଖାଉଥିଲ<br>ଆପେ ଇଉରୁନ ଡମାନ୍ |
| Past Perfect<br>ସଂପୂର୍ଣ୍ଣ ଅତୀତ | You had gone<br>ତୁ ଯାଇଥିଲୁ<br>ଆମ୍ ମନ୍‌ଚେର<br>You had eaten<br>ତୁ ଖାଇଥିଲୁ<br>ଆମ୍ ମୁର୍‌ଚେର | You had gone<br>ତୁମ୍ଭେମାନେ ଯାଇଥିଲ<br>ଆପେ ଏଅନ୍‌ଚେର<br>You had eaten<br>ତୁମ୍ଭେମାନେ ଖାଇଥିଲ<br>ଆପେ ଇଉର୍‌ଚେର |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | You had been going<br>ତୁ ଯାଇ ଆସୁଥିଲୁ<br>ଆମ୍ ମନଜ ମେଡେ ଡମାନ୍<br>You had been eating<br>ତୁ ଖାଇ ଆସୁଥିଲୁ<br>ଆମ୍ ମୁରଜ ମେଡେ ଡମାନ୍ | You had been going<br>ତୁମ୍ଭେମାନେ ଯାଇ ଆସୁଥିଲ<br>ଆପେ ଏଅନଜ ଏଡେ ଡନମାନ୍<br>You had been eating<br>ତୁମ୍ଭେମାନେ ଖାଇ ଆସୁଥିଲ<br>ଆପେ ଇଉରଜଏଡେ ଡମାନ୍ |

| | Third Person -<br>Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person -<br>Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | He / She went<br>ସେ ଗଲା<br>ଆର ଅନ<br>He / She ate<br>ସେ ଖାଇଲା<br>ଆର୍ ଉର୍ | They went<br>ସେମାନେ ଗଲେ<br>ଆରକି ଅନକି<br>They ate<br>ସେମାନେ ଖାଇଲେ<br>ଆରକି ଉରକି |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | He / She was going<br>ସେ ଯାଉଥିଲା<br>ଆର ଆରଙନମାନ୍<br>He / She was eating<br>ସେ ଖାଉଥିଲା<br>ଆର ଉରୁନମାନ୍ | They were going<br>ସେମାନେ ଯାଉଥିଲେ<br>ଆରକି ଅଗନମାନ୍ କି<br>They were eating<br>ସେମାନେ ଖାଉଥିଲେ<br>ଆରକି ଉରୁନମାନ୍କି |
| Past Perfect<br>ସଂପୂର୍ଣ୍ଣ ଅତୀତ | He / She had gone<br>ସେ ଯାଇଥିଲା<br>ଆର ଅନ୍ଚେର<br>He / She had eaten<br>ସେ ଖାଇଥିଲା<br>ଆର ଉରୁନଙମାନ୍ | They had gone<br>ସେମାନେ ଯାଇଥିଲେ<br>ଆରକି ଅନଚେରକି<br>They had eaten<br>ସେମାନେ ଖାଇଥିଲେ<br>ଆରକି ଉରୁନମାନ୍ କି |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | He / She had been going<br>ସେ ଯାଇ ଆସୁଥିଲା<br>ଆର ଅନଜ ତେଙନମାନ୍<br>He / She had been eating<br>ସେ ଖାଇ ଆସୁଥିଲା<br>ଆର ଉରଜ ତେଙନମାନ୍ | They had been going<br>ସେମାନେ ଯାଇ ଆସୁଥିଲେ<br>ଆରକି ଅନକିଜ ତେଙନ୍ମାକି<br>They had been eating<br>ସେମାନେ ଖାଇ ଆସୁଥିଲେ<br>ଆରକି ଉରକିଜ ତେଙନମାନ୍କି |

# FUTURETENSE ଭବିଷ୍ୟତ କାଳ

| | First Person - Singular Number<br>ପ୍ରଥମ ପୁରୁଷ – ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ – ବହୁ ବଚନ |
|---|---|---|
| Future Indefinite<br>ସାମାନ୍ୟ ଭବିଷ୍ୟତ | I shall go<br>ମୁଁ ଯିବି<br>ଆଞ୍ଜ ଅନା<br>I shall eat<br>ମୁଁ ଖାଇବି<br>ଆଞ୍ଜ ଉରେ | We shall go<br>ଆମ୍ଭେମାନେ ଯିବୁ<br>ନିଇଁଙ୍ ନନା<br>We shall eat<br>ଆମ୍ଭେମାନେ ଖାଇବୁ<br>ନିଇଁଙ୍ ନୁରେ |
| Future Imperfect<br>ଅପୂର୍ଣ୍ଣ ଭବିଷ୍ୟତ | I shall be going<br>ମୁଁ ଯାଉଥିବି<br>ଆଞ୍ଜ ଅଙ୍ଗ ନମାନ୍<br>I shall be eating<br>ମୁଁ ଖାଉଥିବି<br>ଆଞ୍ଜ ଉରୁନମା | We shall be going<br>ଆମ୍ଭେମାନେ ଯାଉଥିବୁ<br>ନିଇଁଙ୍ ନନଚେନା<br>We shall be eating<br>ଆମ୍ଭେମାନେ ଖାଉଥିବୁ<br>ନିଇଁଙ୍ ନୁରୁବେରେ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | I shall have gone<br>ମୁଁ ଯାଇଥିବି<br>ଆଞ୍ଜ ଅନଗେନା<br>I shall have eaten<br>ମୁଁ ଖାଇଥିବି<br>ଆଞ୍ଜ ଉରୁନମା | We shall have gone<br>ଆମ୍ଭେମାନେ ଯାଇଥିବୁ<br>ନିଇଁଙ୍ ନନ୍ ଚେନା<br>We shall have eaten<br>ଆମ୍ଭେମାନେ ଖାଇଥିବୁ<br>ନିଇଁଙ୍କ ନୁରୁ ନମା |
| Future Perfect Continuous<br>ସଂପୂର୍ଣ୍ଣ-ଅପୂର୍ଣ୍ଣ ଭବିଷ୍ୟତ | I shall have been going<br>ମୁଁ ଯାଇ ଆସୁଥିବି<br>ଆଞ୍ଜ ଅନା ବିରି ତେଙ୍ଗ ନମା<br>I shall have been eating<br>ମୁଁ ଖାଇ ଆସୁଥିବି<br>ଆଞ୍ଜ ଉରେବିରି ତେଙ୍ ନମା | We shall have been going<br>ଆମ୍ଭେମାନେ ଯାଇ ଆସୁଥିବୁ<br>ନିଇଁଙ୍ ନନା ବିରି ନେତେଙ୍ଗନମା<br>We shall have been eating<br>ଆମ୍ଭେମାନେ ଖାଇ ଆସୁଥିବୁ<br>ନିଇଁଙ୍ ନୁରେ ବିରି ନେତେଙ୍ଗ ନମା |

| | Second Person - Singular Number<br>ଦ୍ୱିତୀୟପୁରୁଷ - ଏକ ବଚନ | Second Person - Plural Number<br>ଦ୍ୱିତୀୟପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ସାଧାରଣ ଭବିଷ୍ୟତ | You will go<br>ତୁ ଯିବୁ<br>ଆଞ୍ଜ ଅନା<br>You will eat<br>ତୁ ଖାଇବୁ<br>ଆମ୍ ମୁରେ | You will go<br>ତୁମ୍ଭେମାନେ ଯିବ<br>ଆପେ ଏଅନା<br>You will eat<br>ତୁମ୍ଭେମାନେ ଖାଇବ<br>ଆପେ ଇଉରେ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | You will be going<br>ତୁ ଯାଉଥିବୁ<br>ଆମ ମଙ୍ଗନମା<br>You will be eating<br>ତୁ ଖାଉଥିବୁ<br>ଆମ ମୁରୁନମା | You will be going<br>ତୁମ୍ଭେମାନେ ଯାଉଥିବ<br>ଆପେ ଏଅଙ୍ଗ ନମା<br>You will be eating<br>ତୁମ୍ଭେମାନେ ଖାଉଥିବ<br>ଆପେ ଇଉରୁନମା |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | You will have gone<br>ତୁ ଯାଇଥିବୁ<br>ଆମ ମଙ୍ଗ ନମା<br>You will have eaten<br>ତୁ ଖାଇଥିବୁ<br>ଆମ ମୁରୁନମା | You will have gone<br>ତୁମ୍ଭେମାନେ ଯାଇଥିବ<br>ଆପେ ଏଅଙ୍ଗନମା<br>You will have eaten<br>ତୁମ୍ଭେମାନେ ଖାଇଥିବ<br>ଆପେ ଇଉରୁନମା |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | You will have been going<br>ତୁ ଯାଇ ଆସୁଥିବୁ<br>ଆମ ମନଜ ମେଡେଙ୍ଗ ନମା<br>You will have been eating<br>ତୁ ଖାଇ ଆସୁଥିବୁ<br>ଆମ ମୁରଜ ମେଡେଙ୍ଗ ନମା | You will have been going<br>ତୁମ୍ଭେମାନେ ଯାଇ ଆସୁଥିବ<br>ଆପେ ଏଅନଜ ଏଡେଙ୍ଗ ନମା<br>You will have been eating<br>ତୁମ୍ଭେମାନେ ଖାଇ ଆସୁଥିବ<br>ଆପେ ଇଉରଜ ଏଡେଙ୍ଗନମା |

| | Third Person - Singular Number<br>ତୃତୀୟପୁରୁଷ – ଏକ ବଚନ | Third Person - Plural Number<br>ତୃତୀୟପୁରୁଷ – ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | He / She will go<br>ସେ ଯିବ<br>ଆର ମନା<br>He / She will eat<br>ସେ ଖାଇବ<br>ଆର ମୁରେ | They will go<br>ସେମାନେ ଯିବେ<br>ଆରକି ମନାକି<br>They will eat<br>ସେମାନେ ଖାଇବେ<br>ଆରକି ମୁର୍କି |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | He / She will be going<br>ସେ ଯାଉଥିବ<br>ଆର ଅଙ୍ଗନମାନ୍<br>He / She will be eating<br>ସେ ଖାଉଥିବ<br>ଆରମୁରୁନମା | They will be going<br>ସେମାନେ ଯାଉଥିବେ<br>ଆରକି ମଙ୍ଗନମାକି<br>They will be eating<br>ସେମାନେ ଖାଉଥିବେ<br>ଆରକି ମୁରୁ ନମାକି |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | He / She will have gone<br>ସେ ଯାଇଥିବ<br>ଆର ମନ୍ଚେନା<br>He / She will have eaten<br>ସେ ଖାଇଥିବ<br>ଆର୍ ମୁରୁଚେରେ | They will have gone<br>ସେମାନେ ଯାଇଥିବେ<br>ଆରକି ମନ୍ଚେନା କି<br>They will have eaten<br>ସେମାନେ ଖାଇଥିବେ<br>ଆରକି ମୁର୍ଚେରିକି |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | He will have been going<br>ସେ ଯାଇ ଆସୁଥିବ<br>ଆର ଅନଙ୍କ ଡେମେଙ୍ଗନମା<br>He / She will have been going<br>ସେ ଖାଇ ଆସୁଥିବ<br>ଆର ଉରଙ୍କ ଡେମେଙ୍ଗନମା | They will have been going<br>ସେମାନେ ଯାଇ ଆସୁଥିବେ<br>ଆରକି ଅନକିଙ୍କଡେଙ୍ଗ ନମା କି<br>They will have been going<br>ସେମାନେ ଖାଇ ଆସୁଥିବେ<br>ଆରକି ଉରକିଙ୍କ ଡେମେଙ୍ଗ ନମାକି |

# ସାଧାରଣ ବାକ୍ୟାବଳୀ

1. What is your name ?
   ତୁମ ନାମ କ'ଣ ?
   ଆମା ନାମଡେ ବିରି ?
2. From which are you from ?
   ତୁମେ କେଉଁ ଗ୍ରାମର ଅଟ ?
   ଆମା ମାଣ୍ଡି ଗାଆଁ ?
3. What is the name of your village ?
   ତୁମ ଗ୍ରାମର ନାମ କ'ଣ ?
   ଆମା ଗାଁଅଆଁ ନାମ ବିରି ?
4. Are you married ?
   ତୁମେ ବିବାହ ହୋଇଛ କି ?
   ଆମ କାନିଆଁ ମିକିବ୍ ସେନାରି ?
5. How many children have you ?
   ତୁମର କେତେଜଣ ପିଲା ଛୁଆ ଅଛନ୍ତି ?
   ଆମା କିତିଗୋଡା କନନ କଞ୍ଚଲାଣ୍ଡକିକି ଆସିକେକି ?
6. How many sons have you ?
   ତୁମର କେତେଜଣ ପୁଅ ଅଛନ୍ତି ?
   ଆମା କିତିଗୋଟା କାମ୍ଭୁଲୋକ ଆସିକେକି ?
7. How many daughters have you ?
   ତୁମର କେତେଜଣ ଝିଅ ଅଛନ୍ତି ?
   ଆମା କିତିଗୋଟା କଞ୍ଚଲାଣ୍ଡ ଆସିକେକି ?
8. Do you have your parents ?
   ତୁମର ପିତାମାତା ଅଛନ୍ତି କି ?
   ଆମା ବୁଇନ୍‌ମ ଅବାମ୍ ଆସିକେକି ?

9. What is your father's name?
ତୁମ ବାପାଙ୍କ ନାମ କ'ଣ ?
ଆମା ଅବାମା ନାମର ବିରି ?

10. What is your monther's name?
ତୁମ ମା'ଙ୍କ ନାମ କ'ଣ ?
ଆମା (ବୁଇ ନମା) ନାମର ବିରି ?

11. Do you have your grant parents?
ତୁମର ଜେଜେ, ଜେଜି ଅଛନ୍ତି କି ?
ଆମା ଆଜାମ୍ ନାନାମ୍ ଆସିକେକି ?

12. What Is your grandfather's name?
ତୁମ ଜେଜେଙ୍କର ନାମ କ'ଣ ?
ଆମା ଆଜାମା ନାମର ବିରି ?

13. What is your grandmother's name?
ତୁମ ଜେଜି / ଆଇଙ୍କ ନାମ କ'ଣ ?
ଆମା ନାନାର ନାମ ବିରି ?

14. How many brothers have you?
ତୁମର କେତେଜଣ ଭାଇ ଅଛନ୍ତି ?
ଆମା କିଚିଗୋଟା କାକାମ୍ ଆସିକେକି ?

15. What are there names?
ସେମାନଙ୍କର ନାମ କ'ଣ ?
ଆରା ନାଆଁର ବିରି ?

16. What are your brothers?
ତୁମ ଭାଇମାନେ କ'ଣ କରୁଛନ୍ତି ?
ଆମା କାକାମ୍ କି ବିରି କିବଡିକି ?

17. Do your brothers help you in your work?

ତୁମ ଭାଇମାନେ ତୁମକୁ କାମରେ ସାହାଯ୍ୟ କରନ୍ତି କି ?

ଆମା କାକାମ୍‌କି ଆମତେ ସାଇଜ କିବ୍‌କି କି ?

18. Which works they prefer to do?

କେଉଁ କାମ କରିବାକୁ ସେମାନେ ପସନ୍ଦ କରନ୍ତି ?

ଆରକି ମାପ୍ତି କାମରେତେ ଡିଅ କୁରିକି ?

19. Do they like to live together?

ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି କି ?

ଆରକି ଉକୁଡିଆ ରଇରା ଦିରେ ଡିଅ କୁଇରିକି ?

20. Do they help to the neighbours in their work?

ସେମାନେ ପଡ଼ୋଶୀମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତି କି ?

ଆରକି ପୁଡଶୀ ଲୁକକି କାମରେ ସାଇଜ଼ କିବ୍‌କେକି ବିରି ?

21. How sisters have you?

ତୁମର କେତେଜଣ ଭଉଣୀ ଅଛନ୍ତି ?

ଆପେୟା କିତିଗୋଟା ବକରାୟ ଆସିକେକି ?

22. What are their names?

ସେମାନଙ୍କର ନାମ କ'ଣ ?

ଆରାକା ନାଆଁର କିବିରି ?

23. What are your sisters?

ତୁମ ଭଉଣୀମାନେ କ'ଣ କରୁଛନ୍ତି ?

ଆମା ବକରାମ କିବିରି କିବ୍‌ଡିକି ?

24. Do they know cooking?

ସେମାନେ ରୋଷେଇ ଜାଣନ୍ତି କି ?

ଆରକି ଚତା ଗଲାଇ ସଚିକିକି ?

25. Do they sing song in special occasions ?

ସେମାନେ ସ୍ୱତନ୍ତ୍ର ଦିବସରେ ଗୀତ ବୋଲନ୍ତି କି ?

ଆରକି ସ୍ୱତନ୍ତ୍ର କାସାରତେ ଗୀତଇ କିକି ?

26. Are your brothers married ?

ତୁମର ଭାଇମାନେ ବିବାହ କରିଛନ୍ତି କି ?

ଆପେୟା କାକାପେରେ କାନିଆଁ ଅଞ୍ଜେକିକିତେରି ?

27. How many brothers have married ?

କେତେଜଣ ଭାଇ ବିବାହ କରିଛନ୍ତି ?

କିତିଗୋଟା କାକାସକି କାନିଆଁ ଉଞ୍ଜେ କିକିତେ ?

28. How many brothers have not married ?

କେତେଜଣ ଭାଇ ବିବାହ କରିନାହାନ୍ତି ?

କିତିଗୋଟା କାନିଆଁ ଅନୁନ ଦେନା ?

29. Are your sisters married ?

ତୁମର ଭଉଣୀମାନେ ବିବାହ କରିଛନ୍ତି କି ?

ଆପେୟା ଆଦିପେତେ କାନିଆଁ ଗଗସେରେ କିତେରି ?

30. How many sisters have married ?

କେତେଜଣ ଭଉଣୀ ବିବାହ କରିଛନ୍ତି ?

କିତିଗୋଟା ଆଦିପେଚେ କାନିଆଁ ଗଗ୍‌ସେରିକି ?

31. How many sisters have unmarried ?

କେତେଜଣ ଭଉଣୀ ବିବାହ କରିନାହାନ୍ତି ?

କିତିଗୋଟା ଆଜିସତେ କାଲିଆଁ ଗଗରା ଦେନା ?

32. How many brothers has your father ?

ତୁମ ବାପାଙ୍କର କେତେଜଣ ଭାଇ ଅଛନ୍ତି ?

ଆମା ଅବାମ୍‌ଆ କିତି ଗୋଟା କାକାର ଆସିକେକି ?

33. How many sisters has your father ?

ତୁମ ବାପାଙ୍କର କେତେଜଣ ଭଉଣୀ ଅଛନ୍ତି ?

ଆମା ଅବାମ୍‌ଆ କିତିଗୋଟା ବକରାୟର ଆସିକେକି ?

34. How many brothers has your mother ?

ତୁମ ମା'ଙ୍କର କେତେଜଣ ଭାଇ ଅଛନ୍ତି ?

ଆମା ବୁଇନମ୍‌ଆ କାକାର କି ଆସିକେକି ?

35. How many sisters has your mother ?

ତୁମ ମା'ଙ୍କର କେତେଜଣ ଭଉଣୀ ଅଛନ୍ତି ?

ଆମା ବୁଇନମ୍ ଆ କିତିଗୋଟା ବକରାଇ ଆସିକେକି ?

36. What do you call your father ?

ତୁମ ବାପାଙ୍କୁ ତୁମେ କ'ଣ ଡାକୁଛ ?

ଆମା ଅବାମ୍‌ତେ ଆମ୍ ବିରି ମେଡାକେକେ ?

37. How many families in your village ?

ତୁମ ଗ୍ରାମରେ କେତୋଟି ପରିବାର ଅଛନ୍ତି ?

ଆମା ଗାଆଆଁ କିତିଗୋଟା ଆସିକେ ?

38. How many houses in your village ?

ତୁମ ଗ୍ରାମରେ କେତୋଟି ଘର ଅଛି ?

ଆମା ଗାଅଆଁ କିତିଗୋଟା ଇଞ୍ଜା ଆସିକେ ?

39. Who is the village head man ?

ତୁମ ଗ୍ରାମର ମୁଖିଆ କିଏ ?

ଆମା ଗାଆଁଆ ପଧାନ ଆଡି ?

40. Do the villagers obey him ?

ଗ୍ରାମବାସୀମାନେ ତାଙ୍କୁ ମାନନ୍ତି କି ?

ଗାଁଆଁ ଲୋକକି ଆରତେ ମାନେକିକି ?

41. Which festivals do the villagers observe?

ଗ୍ରାମବାସୀମାନେ କେଉଁ କେଉଁ ପର୍ବପର୍ବାଣୀ ପାଳନ କରିଥାନ୍ତି ?

ଗାଁଆଁଆ ଲୋକକି ମାପ୍ତି ମାପ୍ତି ଅବତେ ମାନେରିକି ?

42. What is name of your village deity?

ତୁମ ଗ୍ରାମ ଦେବତାଙ୍କ ନାମ କ'ଣ ?

ଆମା ଗଆଁଆ କଇଲଙ୍ଗଡା ନାଆଁର ବିରି ?

43. Which festival do the villagers observe the most?

କେଉଁ ପର୍ବଟିକୁ ଗ୍ରାମବାସୀମାନେ ସବୁଠାରୁ ଭଲ ଭାବରେ ପାଳନ କରିଥାନ୍ତି ?

ମାପ୍ତି ଅବରେ ଗାଁଅଁ ପେୟା ଡିଅ ଇବୁଦିରେ ?

44. Which villages stand nearby your village?

ତୁମ ଗ୍ରାମକୁ ଲାଗି ଅନ୍ୟ କେଉଁ କେଉଁ ଗ୍ରାମ ରହିଛି ?

ଆପେୟା ଗାଁଆଁପେରେ ଏକଚା ଏକଚା ଲାଗେସେରେ ?

45. Which other caste people do live in the nearby villages?

ପାଖ ଗ୍ରାମ ଗୁଡ଼ିକରେ ଅନ୍ୟ କେଉଁ ଜାତିର ଲୋକେ ବସବାସ କରିଥାନ୍ତି ?

ଏକେଚା ଗାଁଆଁ ବିରି କିରିଜାତିକି ଇଞ୍ଜା ସିରାନକିଦ ଆସିକେକି ?

46. Do you go to the nearest village?

ତୁମେ ପାଖ ଗ୍ରାମକୁ ଯାଅ କି ?

ଆପେ ଏକେଚାଇ କେଚା ଗାଁଅବ ଏଅଣ୍ଡେରି ?

47. What do the villagers collect from the forest?

ଗ୍ରାମବାସୀମାନେ ଜଙ୍ଗଲରୁ କ'ଣ ସଂଗ୍ରହ କରିଥାନ୍ତି ?

ଗାଆଁକୋୟା ବପଣ ବିରି ବିରି ଅରେଣ୍ଡେକି ?

48. Do all people put on new dress during the festival ?
ପର୍ବପର୍ବାଣୀମାନଙ୍କରେ ସମସ୍ତେ ନୂଆ ପୋଷାକ ପିନ୍ଧିଥାନ୍ତି କି ?
ଅବ ଅବରେ ଟାଙ୍କୁପି ନୁଆ ନୁଆ ସାର୍ଟ ପେଣ୍ଟ୍ ଆଡିଡିକି ?
49. What is the name of the nearest market ?
ନିକଟତମ ହାଟର ନାମ କ'ଣ ?
ଏକେଚା ହାଟର ନାମ ବିରି ?
50. What do you eat daily ?
ତୁମେ ପ୍ରତିଦିନ କ'ଣ ଖାଅ ?
ଆମା ସବୁଦିନ ବିରି ମୁରକେ ?
51. Who is your best friend ?
ତୁମର ପ୍ରିୟ ସାଙ୍ଗ କିଏ ?
ଆମା ଦଲାମ୍‌ଡେ ଆଡି ?
52. How are you ?
ତୁମେ କେମିତି ଅଛ ?
ଆପେ ସୁଇଣ୍ଡ ଆସିକେ ?
53. Are all other well ?
ଆଉ ସବୁ କୁଶଳ ତ ?
ଆର ସବୁ ଶୁକଲ ଆସିକେ ତ ?
54. How is your health ?
ତୁମର ସ୍ୱାସ୍ଥ୍ୟ କେମିତି ଅଛି ?
ଆମା ଇନିମ୍‌ଡେ ସୁଇଣ୍ଡ ଆସିକେ ?
55. What do you do when your father suffers ?
ତୁମ ବାପାଙ୍କ ଦେହ ଖରାପ ହେଲେ ତୁମେ କ'ଣ କର ?
ଆମା ଅବାମା ଇଣିର କରାପ ଇଆନ ଢ ବିରି ଇକିବ୍ କେ ?

56. What do you buy from the market?

ତୁମେ ହାଟରୁ କି କି ଜିନିଷ କିଣ ?

ଆପେ ହାଟଣ ବିରି ବିରି ଜିନିଷ ଅସଙ୍ଗତେ ?

57. How was the rainfall this year?

ଏ ବର୍ଷ ବର୍ଷାପାଣି କେମିତି ଥିଲା ?

ନିବର୍ଷ ଗିମାଡାଗ ସୁଇଣ୍ଡ ଆସିଆନା ?

58. How was your harvest this year?

ଏ ବର୍ଷ ତୁମର ଫସଲ କେମିତି ହୋଇଥିଲା ?

ନି ବର୍ଷ ନିଞ୍ଜା ବୂଆ ଡିଅଇସେରାନ ?

59. Did you have a good crops?

ତୁମର ଭଲ ଫସଲ ହୋଇଥିଲା କି ?

ଆପେୟା ଡିଅ ବୁଆ ଇସେ ନାନଡି ?

60. Is there any failure / loss of crops this year?

ଏବର୍ଷ କୌଣସି ଫସଲ ହାନୀ ହୋଇଛି କି ?

ନି ବର୍ଷ ବୁଆ ଡିଅଇ ଜେନା ?

61. If yes, what are the reasons?

ଯଦି ହଁ, ତେବେ କେଉଁ କାରଣରୁ ହେଲା ନାହିଁ ?

ଯଦି ଅଇ, ତେବେ ମାପ୍ତି କାରଣ ଦିରେ ଇଆନ ?

62. Are you well now?

ତୁମେ ଏବେ ଭଲ ଅଛ ତ ?

ଆପେ ସବୁ ଏକଲଙ୍ଗ ଡିଅ ଆସିକେତ ?

63. Do you know how to read and write?

ତୁମେ ପଢ଼ା ଲେଖା ଜାଣ କି ?

ଆପେ ପଢାଲେଖା ସେଦଚେକେରି ?

64. What do you like to do?

ତୁମେ କ'ଣ କରିବାକୁ ଭଲ ପାଅ ?

ଆପେ ବିରି କିକିବଟେ ଡିଅ ଇବୁଦିକେ ?

65. What have you eaten today?

ତୁମେ ଆଜି କ'ଣ ଖାଇଛ ?

ଆପେ ମିସିଂ ବିରି ଇଦିମ୍‌ସେକେ ?

66. Do all of your family members enjoy good health?

ତୁମ ପରିବାରରେ ସମସ୍ତେ ଭଲରେ ଅଛନ୍ତି କି ?

ଆପେୟ ଟାଙ୍କୁପି ଡିଅ ଆସିକେକି ?

67. How old are you now?

ତୁମର ବର୍ତ୍ତମାନ ବୟସ କେତେ ?

ଆମା ଏକଲଂବା ବୟସ କିତି ?

68. Do you like to sing?

ତୁମେ ଗୀତ ବୋଲିବାକୁ ଭଲ ପାଅ କି ?

ଆପେ ଗୀତ ବଲେରାଦିରେ ଡିଅ ବୁଦିକେ ?

69. Do you take part in dance?

ତୁମେ ନୃତ୍ୟରେ ଭାଗ ନିଅ କି ?

ଆପେ କିକିଦତେ ବାଗ ଏଗଗଡେରି ?

70. What makes you laugh always?

ତୁମେ କାହିଁକି ସବୁବେଳେ ହସୁଛ ?

ଆପେ ବିତେ ସଦାବେଳେ ଏଲାରାକେ ?

71. Have you ever helped your friend?

ତୁମେ ତୁମ ସାଙ୍ଗକୁ କେବେ ସାହାଯ୍ୟ କରିଛ କି ?

ଆମ ଦଲାମତେ କେତେବେଲା ସେସାକାଇ ସେର ?

72. Have you ever been to the nearest village ?

ତୁମେ ପାଖ ଗାଁକୁ କେବେ ଯାଇଛ କି ?

ଆପେ ଏକେଚା ଗାଁଅଁବ ଅଞ୍ଜରରି ?

73. How many members are there in your family ?

ତୁମ ପରିବାରର ସଦସ୍ୟ ସଂଖ୍ୟା କେତେ ?

ଆପେୟା ଇଞ୍ଜାପେୟା ଲୁକକି କିତି ?

74. Who are there in your family ?

ତୁମ ପରିବାରରେ କିଏ କିଏ ଅଛନ୍ତି ?

ଆପେୟା ଇଞ୍ଜପେୟା ଥାଡି ଥାଡି ଆସିକେକି ?

75. Do your family members like each other ?

ତୁମ ପରିବାରର ଲୋକେ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି ତ ?

ଆପେୟା ଇଞ୍ଜାପେୟା ଲୋକକିଚେ ଡିଓ ବୁଦିରି କିରି ?

76. What is your staple food ?

ତୁମେ ପ୍ରତିଦିନ ମୁଖ୍ୟ ଖାଦ୍ୟ ହିସାବରେ କ'ଣ ଖାଅ ?

ଆପେ ବିନ ମୁକିଅ ତମ ଉରକେରି ?

77. How many festivals do you observe in a year ?

ବର୍ଷକ ମଧ୍ୟରେ ତୁମେ କେତୋଟି ପର୍ବ ପାଳନ କରିଥାଅ ?

ବର୍ଷମିଂତେ ଆପେ କିତିଗୋଟା ଅବ ଏମାନେରେ ।

78. Do you earn for your family ?

ତୁମେ ପରିବାର ପାଇଁ ରୋଜଗାର କରୁଛ ତ ?

ଆମ ଇଞ୍ଜାଲାଗି ରୋଜଗାର ମିକିବ୍‌କେ ।

79. Is your earning managable for your family ?

ପରିବାର ପାଇଁ ତୁମର ରୋଜଗାର ଚଳଣୀୟ ?

ଇଞ୍ଜାତା ଲାଗି ଆପେୟା ରଜଗାର ଚଳଣୀୟ ?

80. Are all of your family members capable for earning ?

ପରିବାରର ସମସ୍ତେ ରୋଜଗାରକ୍ଷମ କି ?

ଇଞ୍ଜାପେୟା ଟାଙ୍କୁପି ରୋଜଗାଗ କିବ୍‌ଡେରି ?

81. Do you get wages properly ?

ତୁମେ ଠିକ୍ ଭାବରେ ମଜୁରୀ ପାଉଛ ତ ?

ଆପେ ଟିକ୍ ବାବରେ ମବୁରୀ ଇକୁଇ ରେରି ?

82. Did any government official come to your village ?

କୌଣସି ସରକାରୀ କର୍ମଚାରୀ ତୁମ ଗ୍ରାମକୁ ଆସିଥିଲେ କି ?

କେଣସି ସରକାରୀ ବାବୁ ଆପେୟା ଗାଁ ଅକେବ ଡେଙ୍ଗୋରକିରି ?

83. Have you got any grant from the government ?

ତୁମେ ସରକାରଙ୍କଠାରୁ କିଛି ଅନୁଦାନ ପାଇଛ କି ?

ଆପେ ସରକାରତା କିଚି ଅନୁଦାନ ଆକୁଇ ସେରେରି ?

84. Have the government taken any step for the development of your village ?

ତୁମ ଗ୍ରାମର ଉନ୍ନତି ପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତି କି ?

ଆପେୟା ଗାଁଅ ପେୟା ଉନ୍ନତି ପାଇଁ ସରକାର ବିଚି ପଦକ୍ଷେପ ଗମ ସେରେରି ?

85. Did you meet any government official last month ?

ତୁମେ ଗତ ମାସରେ କେଉଁ ସରକାରୀ ବାବୁଙ୍କୁ ଭେଟିଥିଲ କି ?

ଆପେ ମେଙ୍ଗୋନାମାପ୍ତି ସରକାର ବାବୁତେ ମିକୁଇ ସେର ?

86. Do all the people collect forest produces ?

ସମସ୍ତ ଲୋକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି କି ?

ଟାଙ୍କୁଣି ଲୁକକି ବଣତା ସକୁ ଟୁଲାରିକିରି ?

87. Do they sell forest produces?

ସେମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରନ୍ତି କି ?

ଆରକି ବଣଲାକୁ ଆପସଙ୍ଗଡ଼େ କରି ?

88. Are they getting fair price in selling the forest produces?

ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ସେମାନେ ଉଚିତ୍ ମୂଲ୍ୟ ପାଉଛନ୍ତି କି ?

ବଣ ଲାକୁ ଆଗସଙ୍ଗାନକିୟ ଆରକି ଟିକ ସୁଲ୍ୟ କୁଇରିକିରି ?

89. Where do they sell the forest produces?

ସେମାନେ ଜଙ୍ଗଲଜାତ ଦ୍ରବ୍ୟକୁ କେଉଁଠାରେ ବିକ୍ରି କରନ୍ତି ?

ଆରକି ବଣଲାକୁ ମାଣ୍ଡାତେ ଆପସଙ୍ଗଡେକି ?

90. What do you take / keep with you when you go to the forest?

ତୁମେ ଜଙ୍ଗଲକୁ ଗଲାବେଳେ ସାଥିରେ କ'ଣ ନେଇ ଯାଇଥାଅ ?

ଆପେ ବଣପେ ଅନଙ୍ଗ ସାଙ୍ଗେପେରେ ବିରି ଏଗଗ ସେରେ ?

91. Which visiting spots are there near your village?

ତୁମ ଗାଁ ପାଖରେ କେଉଁ କେଉଁ ଦର୍ଶନୀୟ ସ୍ଥାନ ଅଛି ?

ଆପେୟା ଗାଁଆଁ ପାଖଆ ଡିଅଡିଅ ସୁନ୍ଦର ଜାଗା ଆସିକେ ?

92. Does any river flow nearby your village?

ତୁମ ଗାଁ ନିକଟରେ କୌଣସି ନଦୀ ଅଛି କି ?

ଆପେୟା ଗାଁଆ ଏକେଚା ବିରି ନଦୀ ଆସିକେ ?

93. Did the village worker come to village in last few days?

ଗତ କିଛିଦିନ ତଳେ ତୁମ ଗ୍ରାମକୁ ଗ୍ରାମସେବକ ଆସିଥିଲେ କି ?

ଆଞ୍ଜୋନା କିଡିବେକା ଆପେୟା ଗାଁଅପେବ ଗ୍ରାମସେବକ ତେଉ୍ରରି ?

94. What did he say to you ?

ସେ ତୁମ୍ଭମାନଙ୍କୁ କ'ଣ କହିଲେ ?

ଆର ଆପେଡେ ବିରି ଗାମ୍‌କି ?

95. What did you present before the B.D.O. ?

ତୁମେ ବି.ଡ଼ି.ଓ.ଙ୍କ ପାଖରେ କେଉଁ କେଉଁ କଥା କହିଲ ?

ଆମା ବିଡିଅ ଆସତେ ବିରି ବିରି ମେଗାପୟ ?

96. Did the B.D.O. give any remarks ?

ବି.ଡ଼ି.ଓ. କିଛି ମନ୍ତବ୍ୟ ଦେଲେ କି ?

ବିଡିଓ କିଛି ଗାତାୟରି ?

97. Is there any hills near your village ?

ତୁମ ଗ୍ରାମ ନିକଟରେ କୌଣସି ପାହାଡ଼ ପର୍ବତ ଅଛି କି ?

ଆପେୟା ଗାଁଆଁ ଏକେଚାୟା ବିରି ପାହଡ / ବଣ ଆସିକେ ?

98. Do you cultivate on the hill ?

ପାହାଡ଼ ଉପରେ ତୁମେ ଚାଷ କରକି ?

ଆପେ ବଣତେ ଚାଷ ଇକବ୍ ଡେରି ?

